بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 29

ବାର୍ଷିକ ଦେୟ : 600/-

www.akhbarbadr.in

11 ମୁହରମ୍ 1444-1445 ହି.କ, 18 ୱଫା 1403 ହି.ଶ, 18 July-2024 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

اِنَّ اللّٰہَ لَا یُغَیِّرُ مَا بِقَوۡمٍ حَتّٰی یُغَیِّرُوۡا مَا بِاَنۡفُسِہِمۡ ؕ وَاِذَاۤ اَرَادَ اللّٰہُ بِقَوۡمٍ سُوۡٓءًا فَلَا مَرَدَّ لَہٗ ۚ وَمَا لَہُمۡ مِّنۡ دُوۡنِہٖ مِنۡ وَّالٍ

(ଅର୍ ରାଆଦ୍: 12)

**ଅନୁବାଦ:** ଅଲ୍ଲାଃ କଦାପି କୌଣସି ସଂପ୍ରଦାୟର ଅବସ୍ଥାରେ ସେ ପର୍ଯ୍ୟନ୍ତ ପରିବର୍ତ୍ତନ କରନ୍ତି ନାହିଁ ଯେପର୍ଯ୍ୟନ୍ତ-କି ସେମାନେ ନିଜ ଅନ୍ତରର ଅବସ୍ଥା-କୁ ପରିବର୍ତ୍ତନ କରିନେଉ ନାହାନ୍ତି ଏବଂ ଯେତେବେଳେ ଅଲ୍ଲାଃ କୌଣସି ସଂପ୍ର-ଦାୟ ସଂକ୍ରାନ୍ତରେ ଶାସ୍ତି ପ୍ରଦାନ କରିବାକୁ ନିଷ୍ପତ୍ତି ନିଅନ୍ତି ସେତେବେଳେ କେହି ଏହାକୁ ଟଳାଇ (ଅପସାରଣ) ପାରିବେ ନାହିଁ ଏବଂ ତାହାଙ୍କ ବ୍ୟତୀତ ସେମା-ନଙ୍କର ଅନ୍ୟ କେହି ସହାୟକ ନାହାନ୍ତି ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ଜମାଅତୀୟ ସମ୍ପତ୍ତିର ସୁରକ୍ଷା ଏବଂ ମହତ୍ୱ ଓ ଅବୈଧ ଖର୍ଚ୍ଚ ସଂକ୍ରାନ୍ତରେ ନବୀ କରୀମ୍ ସ.ଅଙ୍କ ଚେତାବନୀ

**(2597)** ନବୀ କରୀମ୍ ସ.ଅ ଅଜଦ୍ ସଂପ୍ରଦାୟର ଜନୈକ ବ୍ୟକ୍ତି ଯାହାର ନାମ ଇବନେ ଉତବିୟା ଥିଲା ତା'କୁ ଜକାତ୍ ଆଦୟ କରିବା ନିମନ୍ତେ କର୍ମଚାରୀ ଭାବରେ ନିଯୁକ୍ତ କଲେ । ସେ ଯେତେବେଳେ ଜକାତ୍ ଆଦାୟ କରିବା ନିମନ୍ତେ ଲେକଙ୍କ ପାଖକୁ ଗଲା ସେତେବେଳେ ଲୋକମାନେ ତା'କୁ ଜକାତ୍ ଦେଲେ । ସୁତରାଂ ସେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏଇଟା ଆପଣଙ୍କର ଓ ଏଇଟା ମୋତେ ଲୋକମାନେ ଉପହାର ତଥା ଭେଟି ଦେଇଛନ୍ତି । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, ହେ ଉତ୍ବିୟା ! ତୁମକୁ ଯଦି ଲୋକମାନେ ଏତେ ଉପହାର ଦେଉଛନ୍ତି ତାହା ହେଲେ ତୁମେ ନିଜ ମାତାପିତାଙ୍କ ଘରେ ବସୁନ ଲୋକମାନେ କେତେ ଉପହାରେ ଦେଉଛନ୍ତି ତୁମେ ବି ଦେଖିବ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ ନିଜର ସାହାବାମାନଙ୍କୁ ସମ୍ବୋଧିତ କରି କହିଲେ, ହେ ସାହାବାମାନେ ! ତୁମମାନଙ୍କ ମଧ୍ୟରୁ ଯେକେହି ଜକାତ୍ ଅର୍ଥରୁ କିଛି ବି ଗ୍ରହଣ କରିବ ତେବେ ସେହି ବ୍ୟକ୍ତି ଅବଶ୍ୟ ପ୍ରଳୟ ଦିବସ ଦିନ ସେହି ଧନକୁ ନିଜ କାନ୍ଧ ଉପରେ ଉଠାଇ ବୁଲୁଥିବ । ଯଦି ଜକାତ୍ର ଧନ ଓଟ ହୋଇଥାଏ ତେବେ ଓଟ ବକ ବକ ହେଉଥିବା କିମ୍ବା ଜକାତ୍ ଯଦି ଗାଇ ହେଲା ତେବେ ସେହି ଗାଇଟି ହମଅଁ ହମଅଁ କରୁଥିବ କିମ୍ବା ଜକାତ୍ ଯଦି ଛେଳୀ ହୁଏ ତେବେ ଛେଳୀ ମେଁ ମେଁ କରୁଥିବ। ପୁନଶ୍ଚ ଆପଣ ସ.ଅ ନିଜର ହସ୍ତ ଉପରକୁ କଲେ, ଏପର୍ଯ୍ୟନ୍ତକି ଆମେମାନେ ଆପଣ ସ.ଅଙ୍କ କାଖସ୍ଥ ଧବଳତାକୁ ଦେଖିନେଲୁ, ଆପଣ ସ.ଅ କହିଲେ, ହେ ମୋର ଅଲ୍ଲାଃ ! ମୁଁ ତୁମ୍ଭର ଆଦେଶାବଳୀକୁ ପହାଞ୍ଚାଇ ଦେଇ ନାହିଁ କି ? ଆପଣ ସ.ଅ ଉକ୍ତ ବାକ୍ୟକୁ ତିନିଥର ପୁନରାବୃତ୍ତି କଲେ ।

**(ବୁଖାରୀ କିତାବେ ଇଲାହିୟାହ୍)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଓଟ କପାଳରେ ଧର୍ମାଧ୍ୟକ୍ଷର ଆଦେଶ ପାଳନ କରିବା ଏକ ସର୍ବ ସ୍ୱୀକୃତ ପ୍ରସଙ୍ଗ ଅଟେ । ସମସ୍ତ ଓଟମାନେ ସେହି ଓଟ ପଛରେ ଏକ ବିଶେଷ ଢଙ୍ଗରେ ଓ ବେଗରେ ଚାଲିଥାଆନ୍ତି । ସେହି ଓଟଟି ସର୍ବାଗ୍ରେ ଚାଲୁଥିବା ହେତୁ ଅନ୍ୟ ଓଟମାନଙ୍କର ଧର୍ମାଧ୍ୟକ୍ଷ ବା ଅଗ୍ରଗାମୀ ନେତା ହୋଇଥାଏ । ସୁତରାଂ ସାଂସାରିକ ଯାତ୍ରାକୁ ଅତିକ୍ରମ ବା ପାରି କରିବା ନିମନ୍ତେ ଯେପର୍ଯ୍ୟନ୍ତ ଜଣେ ଇମାମ୍ (ଧର୍ମନେତା) ନହୁଅନ୍ତି ସେପର୍ଯ୍ୟନ୍ତ ମନୁଷ୍ୟ ବିପଥଗାମୀ ଏବଂ ବିଭ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥାଏ ।**

ହ. ମସିହ୍ ମଉଦ୍ ଅ.ସ କହିଲେ, ପବିତ୍ର କୁରଆନ୍ କରୀମରେ ଯେଉଁ ଆୟତ୍ ବର୍ଣ୍ଣିତ ହୋଇଛି ଯେ, اَفَلَا یَنۡظُرُوۡنَ اِلَی الۡاِبِلِ کَیۡفَ خُلِقَتۡ (ଅଲ୍ ଗାଶିୟାହ୍: 18) ଅର୍ଥାତ୍ କ'ଣ ସେମାନେ ଏହା ଲକ୍ଷ୍ୟ କରୁ ନାହାନ୍ତି ଯେ, ଓଟକୁ କିପରି ସୃଷ୍ଟି କରାଯାଇଛି ? ଉକ୍ତ ଆୟତ୍ଟି ଅବତାରତ୍ୱ ଏବଂ ଧର୍ମାଧ୍ୟକ୍ଷତ୍ୱ ପ୍ରସଙ୍ଗକୁ ସମାପ୍ତ କରିବା ନିମନ୍ତେ ସହାୟକ ଅଟେ । ଆରାବୀ ଭାଷାରେ ଓଟର ଏକ ହଜାରରୁ ଉର୍ଦ୍ଧ୍ୱ ଅର୍ଥ ଏବଂ ନାମ ରହିଛି । ପୁନଶ୍ଚ ସେହି ନାମ ମଧ୍ୟରୁ اِبِل ର ଯେଉଁ ଶବ୍ଦ ଏଠାରେ ପ୍ରୟୋଗ ଯାଇଛି ତହିଁରେ କେଉଁ ରହସ୍ୟ ରହିଛି ? اِلَی الۡجِمَال ବି ତ' ହୋଇପାରି ଥାଆନ୍ତା ?

ପ୍ରକୃତ ପ୍ରସଙ୍ଗ ଏହା ପ୍ରତିତ ହୁଏ ଯେ, جَمَل କହିଲେ ଓଟକୁ ବୁଝାଏ ଏବଂ اِبِل ଶବ୍ଦଟି ବହୁବଚନ୍ ନାମ ବାଚକ ଶବ୍ଦକୁ ବୁଝାଏ । ଏଠାରେ ଅଲ୍ଲାଃତାଲା ସାଂସ୍କୃତିକ ଏବଂ ଏକମତ ଅବସ୍ଥାକୁ ଦେଖାଇବାକୁ ଚାହୁଁଥିଲେ । جَمَل ଶବ୍ଦର ଅର୍ଥ ଓଟ ବୋଲି କୁହାଯାଇଥାଏ ଏହା ଲାଭବାନ୍ ହୋଇପାରି ନଥାଆନ୍ତା । ତେଣୁ اِبِل ଶବ୍ଦକୁ ପସନ୍ଦ କରିଛନ୍ତି । ଓଟମାନଙ୍କ ମଧ୍ୟରେ ଜଣେ ଅନ୍ୟ ଜଣଙ୍କର ଅନୁକରଣ ଓ ଆଜ୍ଞା ପାଳନ କରିବାର ସାମର୍ଥ୍ୟ ରଖନ୍ତି। ଦେଖ ! ଓଟମାନଙ୍କର ଏକ ଲମ୍ବା ଧାଡ଼ି ହୋଇଥାଏ ଏବଂ ସେହି ଓଟମାନେ କିପରି ଅନ୍ୟ ଓଟ ପଛରେ ଏକ ବିଶେଷ ପ୍ରକାରର ଗତିରେ ଚାଲିଥାଆନ୍ତେ । ଯେଉଁ ଓଟଟି ସର୍ବ ପ୍ରଥମେ ଅଗ୍ରଗାମୀ ଏବଂ ଧର୍ମାଧ୍ୟକ୍ଷ ରୂପେ ହୋଇଥାଏ, ସେହି ଓଟଟି ଅଭିଜ୍ଞ ଏବଂ ମାର୍ଗ ସହିତ ଅବଗତ ହେବା ଉଚିତ୍ । ପୁନଶ୍ଚ ସମସ୍ତ ଓଟମାନେ ପରସ୍ପର ପଛରେ ସମାନ ବେଗରେ ଚାଲିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ କାହାରି ମନରେ ନିରନ୍ତର ଭାବରେ ଚାଲିବା ନିମନ୍ତେ ଅଭିଳାଷା ସୃଷ୍ଟି ହୋଇ ନଥାଏ ଯାହା ଅନ୍ୟ ଜୀବମାନଙ୍କ ମଧ୍ୟରେ ବିଦ୍ୟମାନ ରହିଛି । ଯେପରିକି ଅଶ୍ୱମାନଙ୍କ ମଧ୍ୟରେ ବିଦ୍ୟମାନ ରହିଛି । ଅର୍ଥାତ୍ ଓଟ କପାଳରେ ଇମାମ୍ (ଧର୍ମାଧ୍ୟକ୍ଷ)ର ଅନୁକରଣ କରିବା ଏକ ସର୍ବ ସ୍ୱୀକୃତ ପ୍ରସଙ୍ଗ ଅଟେ । ସୁତରାଂ ଯେତେବେଳେ ଓଟମାନେ ଗୋଟିଏ ଧାଡ଼ିରେ ଯାଇଥାଆନ୍ତି ସେ ପରିପ୍ରେକ୍ଷୀରେ ଅଲ୍ଲାଃତାଲା اَفَلَا یَنۡظُرُوۡنَ اِلَی الۡاِبِلِ کَیۡفَ خُلِقَتۡ କହି ଏହି ସାମୂହିକ ଅବସ୍ଥା ଆଡ଼କୁ ଇଙ୍ଗିତ କରିଛନ୍ତି। ଠିକ୍ ସେହିପରି ଏହା ଆବଶ୍ୟକ ଯେ, ସାଂସ୍କୃତିକ ଏବଂ ଜାତୀୟ ଏକତାକୁ ବଜାୟ ରଖିବା ନିମନ୍ତ ଏକ ଇମାମ୍ର ମଧ୍ୟ ଆବଶ୍ୟକତା ରହିଛି । ଏକଥା ମଧ୍ୟ ସ୍ମରଣ ରହୁ କି ଓଟମାନଙ୍କର ଏହି ଧାଡ଼ି ଯାତ୍ରା ସମୟରେ ହିଁ ହୋଇଥାଏ । ସୁତରାଂ ସାଂସାରିକ ଯାତ୍ରାକୁ ଅତିକ୍ରମ ବା ପାରି କରିବା ସକାଶେ ଯେପର୍ଯ୍ୟନ୍ତ ଜଣେ ଇମାମ୍ ଅର୍ଥାତ୍ ଧର୍ମାଧ୍ୟକ୍ଷ ନହୁଅନ୍ତି ସେପରିପ୍ରେକ୍ଷୀରେ ମନୁଷ୍ୟ ବିପଥଗାମୀ ଏବଂ ବିଭ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାଏ । ପୁନଶ୍ଚ ଓଟ ଅଧିକ ଥର ଟାଣିଲାବାଲା ଜୀବ ଓ ପଥରେ ଅଧିକ ଚାଲିଲା ବାଲା ଜୀବଟିଏ ଅଟେ । ଅତଏବ୍ ତହିଁରୁ ଧୈର୍ଯ୍ୟ ଏବଂ ସହ୍ୟ କରିବାର ଶିକ୍ଷା ମିଳିଥାଏ । ପୁନଶ୍ଚ ଓଟର ଏହି ବିଶେଷତା ରହିଛି ଯେ, ସେ ଦୀର୍ଘ ଯାତ୍ରାରେ ଅନେକ ଦିନ ପର୍ଯ୍ୟନ୍ତ ନିଜର କୂଜରେ ଜଳ ଏକତ୍ରିତ କରି ରଖି ନେଇଥାଏ ଏବଂ ଜଳ ନିମନ୍ତେ ଚିନ୍ତିତ ହୋଇ ନଥାଏ। ସୁତରାଂ ବିଶ୍ୱାସକାରୀକୁ ମଧ୍ୟ ପ୍ରତ୍ୟେକ ସମୟ ନିଜର (ଶେଷ) ଯାତ୍ରା ନିମନ୍ତେ ପ୍ରସ୍ତୁତ ରହିବା ଉଚିତ୍ ଏବଂ ସତର୍କ ରହିବା ଉଚିତ୍ । ଶେଷ ଯାତ୍ରା ନିମନ୍ତେ ସର୍ବୋତ୍କୃଷ୍ଟ ପାଥେୟ ହେଉଛି ଧର୍ମପରାୟଣତା । فَاِنَّ خَیۡرَ الزَّادِ التَّقۡوٰی **(ଅଲ ବକ୍ରାହ୍: 198)**

یَنۡظُرُوۡنَ ଶବ୍ଦରୁ ଏହା ଜ୍ଞାତ ହୁଏ ଯେ, ଏହି ଲକ୍ଷ୍ୟ କରିବା ପିଲାମାନଙ୍କ ପରି ଲକ୍ଷ୍ୟ କରିବା ନୁହେଁ । ବରଂ ତହିଁରୁ ଅନୁକରଣ କରିବାର ଶିକ୍ଷା ମିଳେ । ଯେଭଳି ଓଟ କ୍ଷେତ୍ରରେ ସାଂସ୍କୃତିକ ଏବଂ ଐକ୍ୟତା ଅବସ୍ଥା ଲକ୍ଷ୍ୟ କରାଯାଇଛି ଏବଂ ଓଟମାନଙ୍କ ମଧ୍ୟରେ ନିଜର ଧର୍ମାଧ୍ୟକ୍ଷଙ୍କୁ ଅନୁକରଣ କରିବାର ସାମର୍ଥ୍ୟତା ଥାଏ। ଠିକ୍ ସେହିପରି ମନୁଷ୍ୟ ପକ୍ଷେ ଏହା ଆବଶ୍ୟକ ଯେ, ମନୁଷ୍ୟ ନିଜର ଧର୍ମାଧ୍ୟକ୍ଷ ବା ଧର୍ମନେତାଙ୍କୁ ଅନୁକରଣ କରିବା ନିତାନ୍ତ **(ଅବଶିଷ୍ଟାଂଶ...... ପୃ-2ରେ)**

**ହଜ୍ କ୍ଷେତ୍ରରେ ମଧ୍ୟ ଯେପର୍ଯ୍ୟନ୍ତ ଧର୍ମପରାୟଣତା ଏବଂ ଈଶ୍ୱରଭୀରୁତାକୁ ଧ୍ୟାନ ରଖାଯାଇ ନାହିଁ ସେପର୍ଯ୍ୟନ୍ତ ହଜ୍ କରିବାର କୌଣସି ମୂଲ୍ୟ ଏବଂ ପ୍ରୟୋଜନୀୟତା ନାହିଁ ।**

**ମନୁଷ୍ୟ ନିଜର ସମସ୍ତ କର୍ମରେ ଈଶ୍ୱରଙ୍କର ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ଓ ସାନ୍ନିଧ୍ୟ ପ୍ରାପ୍ତିକୁ ଧ୍ୟାନ ରଖୁ । ଅନ୍ୟଥା ସେହି ପୁଣ୍ୟ ତା' ପାଇଁ କାଳ (ମୃତ୍ୟୁ) ଏବଂ ଶାସ୍ତିର କାରଣ ହୋଇଯିବ । ଯଦି କୌଣସି ବ୍ୟକ୍ତି ଏହି ଉଦ୍ଦେଶ୍ୟ ରଖି ହଜ୍ କରିବାକୁ ଯାଇଥାଏ ଯେ, ଏହା (ହଜ୍) ଦ୍ୱାରା ଲୋକମାନଙ୍କ ମଧ୍ୟରେ ତା'ର ସମ୍ମାନ ଏବଂ ଯଶ ବୃଦ୍ଧି ପାଇବ ଅବା ପ୍ରଥା ପରମ୍ପରା ଅନୁଯାୟୀ ହଜ୍ କରିବାକୁ ଯାଏ ଅବା ଲୋକମାନେ ତା'କୁ ହାଜୀ (ହଜକାରୀ) ବୋଲି କହିବେ, ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତି ନିଜର ପ୍ରଥମ ଏବଂ ପୂର୍ବ ବିଶ୍ୱାସକୁ ମଧ୍ୟ ସେଠାରେ ହରାଇ ଓ ନିଶ୍ଚିହ୍ନ କରି ଚାଲି ଆସିବ ।**

ଅନେକ ଲୋକମାନେ ହଜ୍ କରିବାର ଇଚ୍ଛା ନିଜ ମନ ଭିତରେ ପୋଷଣ କରିଥାଆନ୍ତି । କିନ୍ତୁ ଯଥା ସମୟରେ ତାହାକୁ ପୂରଣ କରିପାରନ୍ତି ନାହିଁ। ଏହିପରି ଭାବରେ ସେମାନେ ଏକ ବହୁତ ବଡ଼ ପୁଣ୍ୟରୁ ବଞ୍ଚିତ ରହିଯାଇ ଥାଆନ୍ତି । ସୁତରାଂ ଯେଉଁ ଲୋକମାନଙ୍କୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରିଛନ୍ତି ସେମାନେ ବୈତୁଲ୍ଲାଃରେ ହଜ୍ ଅବଶ୍ୟ କରନ୍ତୁ । କିନ୍ତୁ ହଜରେ ଯେତେବେଳେ ଧର୍ମପରାୟଣତା ଏବଂ ଈଶ୍ୱରଭୀରୁତାକୁ ଧ୍ୟାନ ନଦିଆଯାଏ ସେତେବେଳେ ତାହା କୌଣସି ଲାଭ ଦେଇ ନଥାଏ । ମୁଁ ଯେତେବେଳେ ହଜ୍ କରିବାକୁ ଗଲି ସେତେବେଳେ ଗୁଜୁରାଟ୍ ରାଜ୍ୟର ଜଣେ ଯୁବ ବ୍ୟବସାୟୀକୁ ଦେଖିଲେ। ସେ ଯେତେବେଳେ ମିନା ଅଭିମୁଖେ ଯାଉଥିଲା ସେତେବେଳେ ଈଶ୍ୱର ଚର୍ଚ୍ଚା କରିବା ବଦଳରେ ଉର୍ଦ୍ଦୁ ଭାଷାରେ ଲିଖିତ ଅଶ୍ଳୀଳ ପ୍ରେମମୂଳକ କବିତା ପଢୁଥିଲା । ଦୈବାତ୍ ମୁଁ ଯେତେବେଳେ ହଜରୁ ଫେରିଲି ସେତେବେଳେ ମୁଁ ଯେଉଁ ଯାହାଜରେ ଯାତ୍ରା କରୁଥିଲି ସେହି ଯାହାଜରେ ସେହି ଯୁବକ ଜଣକ ମଧ୍ୟ ଆସୁଥିଲା । ଦିନେ ମୁଁ ସୁଯୋଗ ଦେଖି ସେହି ଯୁବକକୁ ପଚାରିଲି, ବସ୍ସ ! ତୁମେ ମୋତେ କହିପାରିବ କି ତୁମେ ହଜ୍ କରିବା ପାଇଁ କାହିଁକି ଆସିଥିଲ ? ମୁଁ ତୁମକୁ ମିନା ଅଭିମୁଖେ ଯାଉଥିବାର ଦେଖିଥିଲି, ତୁମେ ସେତେବେଳେ ଈଶ୍ୱର ଚର୍ଚ୍ଚା କରୁ ନଥିଲ । ସେହି ଯୁବକର ଜଣକ ଉତ୍ତର ଦେଲା, ପ୍ରକୃତ କଥା ଏହିକି ଯେ, ଆମ ସେଠାରେ ହାଜୀ (ହଜ୍ କରିଥିବି ବ୍ୟକ୍ତି)ର ଦୋକାନରୁ ଲୋକମାନେ ଅଧିକ ସଉଦା କିଣନ୍ତି । ତେଣୁ ମୋର ଯେଉଁଠି ଦୋକାନ ରହିଛି ଠିକ୍ ତାହାର ବିପରୀତ ପାର୍ଶ୍ୱର ଅନ୍ୟ ଏକ ବ୍ୟକ୍ତିର ମଧ୍ୟ ଦୋକାନ ରହିଛି। ସେହି ବ୍ୟକ୍ତି ଜଣକ ହଜ୍ କରି ଆସିଛି ଏବଂ ନିଜ ଦୋକାନ ଉପରେ ଲାଗିଥିବା ସୂଚନା ଫଳକରେ ସେ ହାଜିର ବୋର୍ଡ଼ ଟଙ୍ଗାଇଛି । ପରିଣାମ ଏହା ହେଲା ଯେ, ଆମର ଗ୍ରାହକମାନେ ତା' ଦୋକାନନକୁ ଯିବାକୁ ଲାଗିଲେ । ଏହା ଦେଖି ମୋ ପିତାଶ୍ରୀ ମୋତେ କହିଲେ ପୁତ୍ର ! ତୁମେ ମଧ୍ୟ ହଜ୍ କରିଆସ ଏବଂ ହଜରୁ ଫେରିବା ପରେ ତୁମେ ମଧ୍ୟ ନିଜ ଦୋକାନ ଉପରେ ସୂଚନା ଫଳକରେ ହାଜୀର ବୋର୍ଡ଼ ଟଙ୍ଗାଇ ଦିଅ । ସୁତରାଂ ହ. ଖଲିଫତୁଲ୍ ମସିହ୍ ସାନି ର.ଅ କହିଲେ, ବର୍ତ୍ତମାନ କୁହ ! କ'ଣ ସେହି ବ୍ୟକ୍ତିର ହଜ୍ ତା' ପକ୍ଷେ ପୁଣ୍ୟର କାରଣ ହୋଇଥିବ କି ? ପୁଣ୍ୟ କଥା ଛାଡ଼ ତା'ର ହଜ୍ ତା' ପାଇଁ ନିଃସନ୍ଦେହ ରୂପେ ପାପର କାରଣ ହୋଇଥିବ। ଅତଏବ୍ ମନୁଷ୍ୟକୁ ସର୍ବଦା ଏହା ଧ୍ୟାନ ରଖିବା ଉଚିତ୍ ଯେ, ସୁକର୍ମ ସମ୍ପାଦନ କରିବା କ୍ଷେତ୍ରରେ ମଧ୍ୟ ପ୍ରଭୁଙ୍କ ପ୍ରସନ୍ନତ ଏବଂ ତାହାଙ୍କ ଅନୁଗ୍ରହତାକୁ ଓ ତାହାଙ୍କ ସାନ୍ନିଧ୍ୟତା ଧ୍ୟାନ ରଖୁ । ଅନ୍ୟଥା ସେହି ପୁଣ୍ୟ ତା' ପାଇଁ କାଳ ଏବଂ ଶାସ୍ତିର କାରଣ ସାଜିଯିବ । ନିଃସନ୍ଦେହ ହଜ୍ ଏକ ମହା ପୁଣ୍ୟ ଅଟେ । କିନ୍ତୁ ଯଦି କୌଣସି ବ୍ୟକ୍ତି ହଜ୍ ଏଇଥିପାଇଁ କରିବାକୁ ଯାଇଥାଏ ଯେ, ଏହା ଦ୍ୱାରା ଲୋକମାନଙ୍କ ମଧ୍ୟରେ ତା'ର ସମ୍ମାନ ଏବଂ ଯଶ ବୃଦ୍ଧି ପାଇବ ଅବା ପ୍ରଥା ପରମ୍ପରା ଅନୁଯାୟୀ ହଜ୍ କରିବାକୁ ଯାଏ ଅବା ଲୋକମାନେ ତା'କୁ ହାଜୀ (ହଜକାରୀ) ବୋଲି କହିବେ, ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତି ନିଜର ପ୍ରଥମ ଏବଂ ପୂର୍ବ ବିଶ୍ୱାସକୁ ମଧ୍ୟ ସେଠାରେ ହରାଇ ଓ ନିଶ୍ଚିହ୍ନ କରି ଚାଲି ଆସିବ ।

ହ. ମସିହ୍ ଉଦ୍ ଅ.ସ ଆମକୁ ଏକ ଘଟଣା ଶୁଣାଉଥିଲେ: "ଏକଦା ଶୀତ ଋତୁ ଥିଲା । ରେଳ ଷ୍ଟେସନରେ ଜନୈକା ଅନ୍ଧୁଣୀ ବୃଦ୍ଧା ମହିଳା ଗାଡ଼ି ଅପେକ୍ଷାରେ ବସିଥିଲା । ତା'ପାଖରେ ଚଦର ବ୍ୟତୀତ କୌଣସି ବସ୍ତ୍ର ମଧ୍ୟ ନଥିଲା । ରେଳଗାଡ଼ିରେ ବସିବା ପରେ ଯେତେବେଳେ ଦ୍ରୁତ ବେଗରେ ପବନ ବହିବାକୁ ଲାଗିଲା ସେତେବେଳେ ସେହି ବୃଦ୍ଧା ମହିଳାକୁ ଶୀତ ଅନୁଭୂତ ହେଲା ଏବଂ ସେହି ବୃଦ୍ଧା ମହିଳା ଜଣକ ନିଜର ସେହି ଚଦରକୁ ଘୋଡ଼ାଇ ନେଲା । କିଛି କ୍ଷଣ ପରେ ସେହି ବୃଦ୍ଧା ମହିଳା ଜଣକ ନିଜର ଚଦରକୁ ଉଣ୍ଡାଳି ଉଣ୍ଡାଳି ଖୋଜି ନେଉଥିଲା । ଜଣେ ବ୍ୟକ୍ତି ତା' ନିକଟ ଦେଇ ଯେତେବେଳେ ଅତିକ୍ରମ କଲା, ସେହି ବ୍ୟକ୍ତି ଜଣକ ଭାବିଲା ଯେ, ଏହି ବୃଦ୍ଧା ମହିଳା ଜଣକ ତ' ଅନ୍ଧ ଅଟେ ଏବଂ ଅନ୍ଧାର ହୋଇଗଲାଣି। ତେଣୁ ମୁଁ ଯଦି ସେହି ମହିଳାର ଚଦର ଉଠାଇ ନିଏ ତେବେ ସେ ଜାଣିପାରିବ ନାହିଁ ଯେ, ତା'ର ଚଦର କିଏ ନେଲା ଓ ନା ହିଁ ପାଖରେ ବସିଥିବା ଲୋକମାନେ କିଛି ଜାଣି ପାରିବେ । ଫଳତଃ ସେହି ବ୍ୟକ୍ତି ଜଣକ ଉକ୍ତ ମହିଳାର ଚଦରକୁ ଧୀରେ ଟାଣି ଆଣିଲା । ଉକ୍ତ ବୃଦ୍ଧା ମହିଳା ଜଣକ ନିଜର ଚଦରକୁ ବରାମ୍ବାର ଉଣ୍ଡାଳୁ ଥିଲା, ସେ ଜାଣିନେଲା ଯେ, ତା'ର ଚଦ କେହି ନେଇଯାଇଛି । ତେଣୁ ସେହି ବୃଦ୍ଧା ମହିଳା ଜଣକ ଚିତ୍କାର କରିବାକୁ ଲାଗିଲା ଯେ, ହେ ହାଜୀ ଭାଇ ମୋର ଚଦର ଦେଇ ଦେ । ମୁଁ ଅନ୍ଧୁଣୀ ଦରିଦ୍ର ମହିଳାଟିଏ ଏବଂ ମୋ ପାଖରେ ଆଉ କୌଣସି ବସ୍ତ୍ର ନାହିଁ । ସେହି ବ୍ୟକ୍ତି ଜଣକ ଯିଏ ଉକ୍ତ ମହିଳାର ଚଦର ନେଇ ପଳାଉଥିଲା ସେ ତୁରନ୍ତ ପଛକୁ ବୁଲିଲା ଏବଂ ସେ ଚଦରକୁ ଧୀରେ ସେହି ବୃଦ୍ଧା ମହିଳାକୁ ଦେଇଦେଲା । କିନ୍ତୁ କହିବାକୁ ଲାଗିଲା । ମାଉସୀ ତୁମେ ମୋତେ ଗୋଟେ କଥା କୁହ କି ତୁମେ କିପରି ଜାଣିଲ ଯେ, ମୁଁ ହାଜୀ ଅଟେ ? ସେହି ବୃଦ୍ଧା ମହିଳା ଜଣକ କହିବାକୁ ଲାଗିଲା, ପୁତ୍ର ! ଏପରି କାମ ହାଜୀମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି କରନ୍ତି ନାହିଁ । ମୁଁ ଅନ୍ଧୁଣୀ, ଦୁର୍ବଳ, ଦରିଦ୍ର ଏବଂ ଅବଳା ନାରୀ ଅଟେ । ଶୀତ ଋତୁ ଚାଲିଛି ଏବଂ ମୁଁ ସଂପୂର୍ଣ୍ଣ ରୂପେ ଏକୁଟିଆ ଅଟେ । ଏପରି ପରିସ୍ଥିତିରେ ମୋର ଏକମାତ୍ର ସମ୍ବଳ ଅର୍ଥାତ୍ ମୋର ଏକମାତ୍ର ଚଦରକୁ ଚୋରି କରିବା ଜଣେ ଅଭ୍ୟାସଗତ ଚୋର ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଦୁଃସାହସ କରିପାରିବ ନାହିଁ । ତେଣୁ ଏହିପରି କାର୍ଯ୍ୟ କେବଳ ଜଣେ ହାଜୀ (ହଜ୍ କରିଥିବା ବ୍ୟକ୍ତି) ହିଁ କରିପାରିବ।"

ଅତଏବ ହଜ୍ ସେହି ପରିସ୍ଥିତରେ ଲାଭଦାୟକ ସାବ୍ୟସ୍ତ ହୋଇପାରିବ ଯେତେବେଳେ ମନୁଷ୍ୟ ନିଜ ମନରେ ଅଲ୍ଲାଃତାଲାଙ୍କ ଭୟ ରଖିବ ଓ ନିଷ୍ଠା ଏବଂ ପ୍ରେମର ସହିତ ଉକ୍ତ କର୍ତ୍ତବ୍ୟକୁ ସମ୍ପାଦନ କରୁ । ଯଦି ବ୍ୟକ୍ତି ନିଷ୍ଠା ତଥା ଏକାଗ୍ର ଚିତ୍ତର ସହିତ ହଜ୍ କରିବା ନିମନ୍ତେ ଯାଏ ତେବେ ସେହି ବ୍ୟକ୍ତି ବିଶ୍ୱାସର ସ୍ତୂପ (ପର୍ବତ) ଧରି ଘରକୁ ଫେରିଥାଏ । ଆଉ ଯଦି ବ୍ୟକ୍ତି ନିଷ୍ଠାପୂର୍ଣ୍ଣ ମନୋଭାବ ନରଖି ହଜ୍ କରିବାକୁ ଯାଏ ତେବେ ସେପରିପ୍ରେକ୍ଷୀରେ ସେ ନିଜର ପୂର୍ବ ବିଶ୍ୱାସକୁ ମଧ୍ୟ ହରାଇ ଦେଇଥାଏ । **(ତଫ୍‌ସିର୍ କବିର୍, ଭାଗ-6, ପୃ-35, ପ୍ରକାଶନ ସ୍ଥାନ-କାଦିଆନ୍, 2010 ମସିହା)**

☆--☆--☆

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ........

ଆବଶ୍ୟକ । କାରଣ ସେ ନିଜ ଧର୍ମାଧ୍ୟକ୍ଷଙ୍କ ଅନୁକରଣକୁ ନିଜର ପାଥେୟ ରୂପେ ବରଣ କରୁ । କାହିଁକି ନା ଓଟ ଯିଏ ମନୁଷ୍ୟର ସେବକ ଅଟନ୍ତି, ସେମାନଙ୍କ ମଧ୍ୟରେ ମଧ୍ୟ ଏହି ସାମର୍ଥ୍ୟତା (ଅର୍ଥାତ୍ ମାଲିକଙ୍କ ସେବା ଓ ଅନୁକରଣ କରିବାର ସାମର୍ଥ୍ୟତା) ବିଦ୍ୟମାନ ରହିଛି । ସୁତରାଂ كَيْفَ خُلِقَتْ ରେ ସେହି ସକଳ କଲ୍ୟାଣ ଏବଂ ଲାଭ ଆଡ଼କୁ ଇଙ୍ଗିତ କରାଯାଇଛି ଯାହା اِبِل ର ସାମଗ୍ରିକ ଅବସ୍ଥାକୁ ଅନୁକରଣ କରିବା ଦ୍ୱାରା ପ୍ରାପ୍ତ ହୋଇଥାଏ । **(ମଲ୍‌ଫୁଜାତ୍ ଭାଗ-2, ପୃ-18, ପ୍ରକାଶନ ବର୍ଷ-2018 ମସିହା, କାଦିଆନ୍)** ☆--☆--☆

## ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ.......

....ଏବଂ ନିଜର ସୈନ୍ୟବାହିନୀରେ ପହଞ୍ଚି ସେ କୁରୈଶ୍‌ର ଏକ ସୈନ୍ୟ ଟୁକିଡ଼ିକୁ ମଦିନା ନିକଟବର୍ତ୍ତୀ ଅରିଜ୍ ନାମକ ଉପତ୍ୟକାରେ ଚଢଉ କରିବା ନିମନ୍ତେ ପ୍ରେରଣ କରିଦେଲା । ଅରିଜ୍ ସେହି ଉପତ୍ୟକା ଥିଲା ଯେଉଁଠି ମୁସଲମାନମାନଙ୍କର ପଶୁମାନେ ଚରୁଥିଲେ ଏବଂ ଏହି ଅରିଜ୍ ମଦିନା ଠାରୁ କେବଳ 3 ମାଇଲ୍ ଦୂରତାରେ ଅବସ୍ଥିତ ଥିଲା । ପ୍ରାୟତଃ ଏହି ଅରିଜ୍‌ର ଅବସ୍ଥା ସଂକ୍ରାନ୍ତରେ ଅବୁ ସୁଫିୟାନ୍‌କୁ ସଲାମ୍ ବିନ୍ ମିଶ୍‌କମ୍ ଠାରୁ ଜ୍ଞାତ ହୋଇଥିବ । ଯେତେବେଳେ କୁରୈଶ୍‌ର ଏହି ସୈନ୍ୟ ଟୁକୁଡ଼ି ଅରିଜ୍ ଉପତ୍ୟକାରେ ପହଞ୍ଚିଲା ସେତେବେଳେ ସୌଭାଗ୍ୟ ବଶତଃ ମୁସଲମାନମାନଙ୍କର ଜୀବମାନେ ସେଠାରେ ଉପସ୍ଥିତ ନଥିଲେ । କିନ୍ତୁ ଜଣେ ମୁସଲମାନ ଅନ୍‌ସାରୀ ଓ ତା'ର ବନ୍ଧୁ ସେତେବେଳେ ସେଠାରେ ଉପସ୍ଥିତ ଥିଲେ । କୁରୈଶ୍‌ମାନେ ସେମାନଙ୍କୁ ଧରି ଅତ୍ୟନ୍ତ ନୃସଂଶନୀୟ ଭାବରେ ହତ୍ୟା କରିଦେଲେ ଓ ଏହାପରେ ଖଜୁରୀ ବୃକ୍ଷରେ ନିଆଁ ଲଗାଇଦେଲେ । କୁରୈଶମାନେ ସେଠାକାର ଘର ଦ୍ୱାର ଏବଂ ଝୁପୁଡ଼ିକୁ ଜାଳି ପୋଡ଼ି ଅବୁ ସୁଫିୟାନ୍‌ର ରହଣୀ ସ୍ଥାନ ଅଭିମୁଖେ ଫେରିଗଲେ । ଅବୁ ସୁଫିୟାନ୍ ଉକ୍ତ ସଫଳତାକୁ ନିଜର ପ୍ରତିଜ୍ଞା ପୂରଣ ହେବା ନିମନ୍ତେ ଯଥେଷ୍ଟ ବୋଲି ମନେକରି ଫେରିଯିବା ନିମନ୍ତେ ଆଦେଶ ଦେଲା । ଅନ୍ୟ ପଟରେ ଆଁହଜରତ ସ.ଅଙ୍କୁ ଅବୁ ସୁଫିୟାନ୍‌ର ଆକ୍ରମଣ ସଂପର୍କରେ ଯେତେବେଳେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ସାହାବାମାନଙ୍କର ଏକ ଜମାଅତ୍‌କୁ ସାଙ୍ଗରେ ଧରି ତା' ପଛରେ ବାହାରିଲେ । କିନ୍ତୁ ଅବୁ ସୁଫିୟାନ୍ ନିଜର ପ୍ରତିଜ୍ଞାକୁ ସନ୍ଦେହାସ୍ପଦ କରିବାକୁ ଚାହୁଁ ନଥିଲା । ସେ ଏପରି ଦ୍ୱନ୍ଦ୍ୱର ସହିତ ପଳାୟନ କଲା କି ମୁସଲମାନମାନେ ତା' ସୈନ୍ୟବାହିନୀ ପର୍ଯ୍ୟନ୍ତ ପହଞ୍ଚିପାରିଲେ ନାହିଁ । ପରିଶେଷରେ କିଛି ଦିନର ଅନୁପସ୍ଥିତି ପରେ ଆଁହଜରତ ସ.ଅ ମଦିନା ଫେରି ଆସିଲେ ।"ଇତିହାସବିତ୍‌ମାନେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ଯୁଦ୍ଧ ସୁୱୈକ୍ ଯୁଦ୍ଧ କହିବାର କାରଣ ଏହା ଥିଲା କି, ଅବୁ ସୁଫିୟାନ୍ ଯେତେବେଳେ ମକ୍କା ଫେରିଲା ସେତେବେଳେ ସେ ଏହା ଭାବିଲା ଯେ, ମୁସଲମାନମାନେ ତା'ର ପିଛା କରିବେ। ତେଣୁ ଏହି ଧାରଣା ଯୋଗୁଁ ସେ କିଛିଟା ବିଚଳିତ ଅବସ୍ଥାରେ ନିଜର ବୋଝକୁ ହାଲୁକା କରିବା ନିମନ୍ତେ କିଛି ଜିନିଷ ପତ୍ର ମଧ୍ୟରୁ ଛତୁଆ ପ୍ୟାକେଟଗୁଡିକୁ ରାସ୍ତାରେ ଫିଙ୍ଗି ଚାଲିଥିଲା ।

**(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.....)**

## (ଖୁତ୍‌ବା ଜୁମା)

ଆମ ନିକଟରେ କେବଳ ଏକମାତ୍ର ଅସ୍ତ୍ର ରହିଛି ଏବଂ ତାହା ହେଉଛି ଦୁଆ (ପ୍ରାର୍ଥନା) । ସୁତରାଂ ଏହି ଦୁଆର ଅସ୍ତ୍ରକୁ ପ୍ରତ୍ୟେକ ଅହେମଦିକୁ ପୂର୍ବାପେକ୍ଷା ଅଧିକ ରୂପେ ପ୍ରୟୋଗ କରିବା ଉଚିତ୍ ।

---

ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ବିବାହ ପରେ କହିଲେ, ହେ ଆଏଶା ! ମୁଁ ତୁମକୁ ସ୍ୱପ୍ନରେ ଦୁଇଥର ଦେଖିଛି । ତୁମ ସହିତ ମୁଁ ବିବାହ କରିବା ପୂର୍ବରୁ ମୁଁ ଦେବଦୂତଙ୍କୁ ଦେଖିଲି । ସେହି ଦେବଦୂତମାନେ ତୁମକୁ ଏକ ରେଶମ ଖଣ୍ଡରେ ଟେକି ଧରିଥିଲେ ।

---

ନୈତିକ ପ୍ରସଙ୍ଗ ଏହିକି ଯେ, ହ. ଆଏଶା ର.ଅଙ୍କର ଯେତେବେଳେ ବିବାହ ହେଲା ସେତେବେଳେ ବୟସ ଦୃଷ୍ଟିରୁ କୌଣସି ପ୍ରକାରର ଆଶ୍ଚର୍ଯ୍ୟକର କଥା ନଥିଲା ଯେ, ସେଠାକାର ଲୋକମାନଙ୍କ ମଧ୍ୟରେ କୌଣସି ପ୍ରଶ୍ନ ଏବଂ କୌଣସି ଆପତ୍ତି ସୃଷ୍ଟି ହୋଇଥାଆନ୍ତା ।

**ହ. ଆଏଶା ର.ଅଙ୍କ 9 ବର୍ଷୀୟ ବୟସା ହେବା କେବଳ ଅବାନ୍ତର ଏବଂ ଯୁକ୍ତିହୀନ କଥନ ଓ ବର୍ଣ୍ଣନାରେ ହିଁ ବର୍ଣ୍ଣିତ ହୋଇଛି । ଉକ୍ତ ପ୍ରସଙ୍ଗ କୌଣସି ହଦିସ୍ ଏବଂ ପବିତ୍ର କୁରଆନ୍ କରୀମରେ ବର୍ଣ୍ଣିତ ହୋଇ ନାହିଁ । (ହ. ମସିହ୍ ମଉଦ୍ ଅ.ସ)**

ରସୁଲୁଲ୍ଲାଃ ସ.ଅ କହୁଥିଲେ ଯେ, ମୋର ସମସ୍ତ କନ୍ୟା ସନ୍ତାନମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ କନ୍ୟା ତଥା ସୁପୁତ୍ରୀ ହେଉଛି ଜୈନବ୍ । ଜୈନବ୍‌କୁ ମୋ ଯୋଗୁଁ କଷ୍ଟ ପହଞ୍ଚିଛି ।

---

ଇସ୍‌ଲାମ୍ ଧର୍ମ ତ' ଯୁଦ୍ଧ ପରିସ୍ଥିତିରେ ମଧ୍ୟ କୌଣସି ମହିଳା, ପିଲା ଏବଂ କୌଣସି ପ୍ରକାରର ଯୁଦ୍ଧରେ ଅଂଶଗ୍ରହଣ କରି ନଥିବା ବ୍ୟକ୍ତିମାନଙ୍କୁ ହତ୍ୟା କରିବା ନିମନ୍ତେ ଅନୁମତି ପ୍ରଦାନ କରେ ନାହିଁ । ଏପରି କୃତ୍ୟ ନକରିବାକୁ ଆଁହଜରତ ସ.ଅ ଅତ୍ୟନ୍ତ ଦୃଢତାର ସହିତ ନିର୍ଦ୍ଦେଶ ଦେଇଛନ୍ତି ।

ଯଦି ପ୍ରକୃତ ନ୍ୟାୟ ସ୍ଥାପନ କରାଯାଇଥାଆନ୍ତା ତେବେ ଏପରି ପ୍ରସଙ୍ଗ (ଘଟଣା) ହୋଇ ନଥାଆନ୍ତା, ଯଦି ମହାଶକ୍ତି ନିଜର ଉଭୟ ପ୍ରକାରର ମର୍ଯ୍ୟାଦାକୁ ବଜାୟ ରଖନ୍ତି ତେବେ ଏହି ଧରଣର ଅଶାନ୍ତି, ଅରାଜକତା ଓ ଯୁଦ୍ଧ ଭଳି ସ୍ଥିତି ସଂସାରରେ ଲାଗି ରହନ୍ତା ନାହିଁ । ସୁତରାଂ ଏହି ଦୋହରା ସ୍ତରକୁ ଓ ଦୋହୋରା ନୀତିକୁ ସମାପ୍ତ କରନ୍ତୁ ତେବେ ଯାଇ ଯୁଦ୍ଧ ଆପେ ଆପେ ସମାପ୍ତ ହୋଇଯିବ ।

ଏଭଳି ପରିସ୍ଥିତିରେ ଇସଲାମୀୟ ରାଷ୍ଟ୍ରମାନଙ୍କୁ ହେଜ ପଶିବା ଉଚିତ୍ (ଅର୍ଥାତ୍ ସତର୍କ ହୋଇ ପୂର୍ବ ଘଟଣାରୁ ଶିକ୍ଷା ଗ୍ରହଣ କରିବା ଉଚିତ୍), ପାରସ୍ପାରିକ ମତଭେଦକୁ ସମାପ୍ତ (ଭୁଲି) କରି ନିଜ ମଧ୍ୟରେ ଏକତାକୁ ସ୍ଥାପନ କରିବା ଉଚିତ୍ ।

---

ମୁସଲମାନ ରାଷ୍ଟ୍ରମାନେ ଯଦି ଏକ ହୋଇଯାଆନ୍ତି, ସେମାନଙ୍କ ମଧ୍ୟରେ ଯଦି ଏକତା ରହିବ ତେବେ ସ୍ୱରରେ ମଧ୍ୟ ଦାମ୍ଭିକତା ଶକ୍ତି ହେବ ଅନ୍ୟଥା ନିରୀହ ମୁସଲମାନମାନଙ୍କର ପ୍ରାଣର ହାନୀର ଏହି ଲୋକମାନେ ହିଁ ଦାୟି ରହିବେ, ମୁସଲମାନ ରାଷ୍ଟ୍ରମାନେ ହିଁ ଏଥିପାଇଁ ଦାୟି ରହିବେ । ଆଁହଜରତ ସ.ଅଙ୍କର ଏହି ଆଦେଶକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ଏବଂ ଏହା ସେହି ମାଶକ୍ତିମାନଙ୍କର କାର୍ଯ୍ୟ କି ସେମାନେ ଅତ୍ୟାଚାରକାରୀକୁ ରୋକନ୍ତୁ ଏବଂ ଅତ୍ୟାଚାରିତ ଓ ନିଷ୍ପେଷିତମାନଙ୍କୁ ସାହଯ୍ୟ କରନ୍ତୁ ।

**ଆଁହଜରତ ସ.ଅଙ୍କ ହ. ଆଏଶା ର.ଅଙ୍କ ସହିତ ବିବାହ କରିବାର ଯଥାର୍ଥତା, ବିବାହ କରିବା ସମୟରେ ହ. ଆଏଶା ର.ଅଙ୍କ ବୟସକୁ ନେଇ ଉତ୍ଥାପିତ ହେଉଥିବା ଆପତ୍ତିର ସମାଲୋଚନାତ୍ମକ ସମୀକ୍ଷା, ହ. ଜୈନବ୍ ର.ଅ ବିନତ୍ ରସୁଲୁଲ୍ଲାଃ ସ.ଅଙ୍କ ମଦିନା ପ୍ରବାସର ଘଟଣାବଳୀ ସଂକ୍ରାନ୍ତରେ ବିସ୍ତୃତ ବିବରଣୀ ।**

ଇସ୍ରାଇଲ୍, ପାଲେଷ୍ଟାଇନ୍ ଯୁଦ୍ଧକୁ ଦୃଷ୍ଟିରେ ରଖି ହୁଜୁର ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ଏବଂ ଆନ୍ତର୍ଜାତିକ ଧର୍ମନେତାମାନଙ୍କୁ ଉପଦେଶ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 13 OCTOBER 2023 ମସିହା ଅନୁଯାୟୀ ୧୩ ଇଖା / ୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଁହଜରତ୍ ସ.ଅଙ୍କ ଜୀବନୀର କେତେକ ଘଟଣାବଳୀ ଯାହାକି ବଦର୍ ଯୁଦ୍ଧ ଅବସରରେ କିମ୍ବା ବଦର୍ ଯୁଦ୍ଧର ପରେ ତୁରନ୍ତ ହୋଇଥିଲା ସେହି ଘଟଣାବଳୀଗୁଡ଼ିକର ଚର୍ଚ୍ଚା ଚାଲିଥିଲା । ତନ୍ମଧ୍ୟରେ ଆଁହଜରତ ସ.ଅଙ୍କ ହ. ଆଏଶା ର.ଅଙ୍କ ସହିତ ବିବାହର ଚର୍ଚ୍ଚା ମଧ୍ୟ ରହିଛି । ଅତଃ ଏଠାରେ ସେହି ଘଟଣାଟି ମୁଁ ବର୍ଣ୍ଣନା କରି ଦେଉଛି । ଉମ୍ମୁଲ୍ ମୁମିନିନ୍ ହ. ଆଏଶା ର.ଅଙ୍କ ବିୟୋଗ ପରେ ଦିନେ ହ. ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅଙ୍କ ପତ୍ନି ଖୌଲା ବିନତ୍ ହକିମ୍ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ କ'ଣ ଆପଣ ସ.ଅ ବିବାହ କରିବାକୁ ଚାହୁଁ ନାହାନ୍ତି । ଆପଣ ସ.ଅ ପଚାରିଲେ କାହା ସହିତ ? ଯଦି ଆପଣ ସ.ଅ ଚାହାନ୍ତି ତାହାହେଲେ ଆପଣ ସ.ଅ କୁଆଁରୀ କନ୍ୟା ସହିତ ମଧ୍ୟ ବିବାହ କରିପାରିବେ ଏବଂ ଆପଣ ସ.ଅ ଯଦି ବିଧବା ସହିତ ବିବାହ କରିବାକୁ ଚାହୁଁଛନ୍ତି ତେହାହେଲେ ମଧ୍ୟ ଆପଣ କରିପାରିବେ।

ଆପଣ ସ.ଅ କହିଲେ, ସେହି କୁଆଁରୀ କନ୍ୟା କିଏ ? ତେବେ ଆପଣ ସ.ଅଙ୍କୁ କୁହାଗଲା କି ଆଏଶା ବିନ୍‌ତ୍ ଅବୁ ବକର୍ । ପୁନଶ୍ଚ ଆପଣ ସ.ଅ କହିଲେ, ସେହି ବିଧବା କନ୍ୟା କିଏ ? ଆପଣ ସ.ଅଙ୍କୁ କୁହାଗଲା କି ସେହି ବିଧବା କନ୍ୟା ହେଉଛନ୍ତି ସଅଦା ବିନ୍‌ତ୍ ଜମ୍‌ଆ ।

ସଅଦା ଆପଣ ସ.ଅଙ୍କ ଉପରେ ବିଶ୍ୱାସ ଆଣି ସାରିଛନ୍ତି ଏବଂ ଆପଣ ସ.ଅଙ୍କର ଅନୁକରଣ ମଧ୍ୟ କରିସାରିଛନ୍ତି । ରସୁଲୁଲ୍ଲାଃ ସ.ଅ ହ. ଖୌଲା ର.ଅଙ୍କୁ କହିଲେ: ଯାଅ ଓ ସେହି ଦୁଇ କନ୍ୟାଙ୍କ ପରିବାର ବର୍ଗଙ୍କ ସହିତ ମୋ ସଂକ୍ରାନ୍ତରେ

କଥାବାର୍ତ୍ତା କର। ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଅନୁମତି ମିଳିବା ପରେ ହ. ଖୌଲା ର.ଅ ସେଠାରୁ ବାହାରିଲେ ଏବଂ ପ୍ରଥମେ ହ. ଅବୁ ବକ୍କର ସିଦ୍ଦିକ୍ ର.ଅଙ୍କ ଘରକୁ ହ. ଆଏଶା ର.ଅଙ୍କ ରିସ୍ତା ସଂପର୍କରେ କଥାବାର୍ତ୍ତା କରିବାକୁ ଗଲେ । ଘରେ ହ. ଅବୁ ବକ୍କର ସିଦ୍ଦିକ୍ ର.ଅ ତ' ଉପସ୍ଥିତ ନଥିଲେ । କିନ୍ତୁ ହ. ଅବୁ ବକ୍କର ର.ଅଙ୍କ ପତ୍ନି ଉମ୍ମେ ରୁମାନ୍ ର.ଅ ଉପସ୍ଥିତ ଥିଲେ ।

ହ. ଖୌଲା ର.ଅ ତାଙ୍କ ସହିତ କଥାବାର୍ତ୍ତା କଲେ ଏବଂ ଏହାପରେ ତାଙ୍କୁ ଅଭିନନ୍ଦନ ଜଣାଇ କହିଲେ, ହେ ଉମ୍ମେ ରୁମାନ୍ ! ଅଲ୍ଲାଃତାଲା ଆପଣଙ୍କୁ କେତେ ବଳିଷ୍ଠ ଓ ଭବ୍ୟ ପୁଣ୍ୟ ଏବଂ କଲ୍ୟାଣ ଦ୍ୱାରା ସମ୍ମାନିତ କରିଛନ୍ତି ? ଉମ୍ମେ ରୁମାନ୍ ପଚାରିଲେ, ସେହି ପୁଣ୍ୟ ଏବଂ କଲ୍ୟାଣ କ'ଣ ଅଟେ ? ହ. ଖୌଲା ର.ଅ କହିଲେ, ମୋତେ ରସୁଲୁଲ୍ଲାଃ ସ.ଅ ହ. ଆଏଶାଙ୍କ ସହିତେ ନିକାହ୍‌ର ବାର୍ତ୍ତା ଦେଇ ପ୍ରେରଣ କରିଛନ୍ତି । ଉମ୍ମେ ରୁମାନ୍ କହିଲେ, ହେ ଖୌଲା ଯଦି ଆଁହଜରତ ସ.ଅ ଏପରି ସନ୍ଦେଶ ଦେଇ ପ୍ରେରଣ କରିଛନ୍ତି ତେବେ ଆପଣ ହ. ଅବୁ ବକ୍କର ର.ଅଙ୍କ ଘରକୁ ଆସିବାର ଅପେକ୍ଷା ଟିକେ କରନ୍ତୁ ।

ସୁତରାଂ କିଛି ସମୟ ପରେ ହ. ଅବୁ ବକ୍କର ର.ଅ ଯେତେବେଳେ ଘରକୁ ଆସିଲେ ସେତେବେଳେ ହ. ଖୌଲା ର.ଅ ତାଙ୍କୁ ମଧ୍ୟ ସେହି ସବୁ କଥା କହିଲେ ଯାହା ହ. ଉମ୍ମେ ରୁମାନ୍‌ଙ୍କୁ କହିଥିଲେ । ହ. ଅବୁ ବକ୍କର ର.ଅ କହିଲେ, ହେ ଖୌଲା କଥାଟା ଟିକେ ଖୋଲିକି କୁହନ୍ତୁ, ସେହି ପୁଣ୍ୟ ଏବଂ କଲ୍ୟାଣଟା କ'ଣ ? ଖୌଲା କହିଲେ, ମୋତେ ଆଁହଜରତ ସ.ଅ ଆପଣ ର.ଅଙ୍କ ନିକଟକୁ ଆପଣ ର.ଅଙ୍କ କନ୍ୟା ତଥା ସୁପୁତ୍ରୀ ହ. ଆଏଶା ର.ଅଙ୍କ ସହିତ ନିକାହ୍ କରିବାକୁ ଖବର ଦେଇ ପ୍ରେରଣ କରିଛନ୍ତି । ଏକଥା ଶୁଣି ଆପଣ ର.ଅ କହିଲେ, ହେ ଖୌଲା ଆଁହଜରତ ସ.ଅଙ୍କ ସହିତ ଆଏଶାର ନିକାହ୍ ଠିକ୍ ରହିବ କି ? ଆପଣ ସ.ଅଙ୍କ ଭାଇଙ୍କ ପୁତ୍ରୀ ଅଟେ (ଅର୍ଥାତ୍ ଇସ୍‌ଲାମ୍ ଧର୍ମ ହିସାବରେ ହ. ଅବୁ ବକ୍କର ର.ଅ ଆଁହଜରତ ସ.ଅଙ୍କ ଧରମ ଭାଇ ଅଟନ୍ତି) ।

ତେଣୁ ହ. ଅବୁ ବକ୍କର ର.ଅଙ୍କ ମନରେ ଯେତେବେଳେ ଏହି ଭାବନାଟି ଉତ୍ପନ୍ନ ହେଲା ସେତେବେଳେ ହ. ଖୌଲା ର.ଅ ଆଁହଜରତ ସ.ଅଙ୍କ ନିକଟକୁ ଫେରିଲେ ଏବଂ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଆପଣ ସ.ଅଙ୍କୁ ହ. ଅବୁ ବକ୍କର ସିଦ୍ଦିକ ର.ଅଙ୍କ ଉକ୍ତ କଥାଟି କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହ. ଅବୁ ବକ୍କର ମୋତେ କହିଲେ, ଯେ, ସେ ପରା ଆପଣଙ୍କ ଭାଇ ଅଟନ୍ତି ଏବଂ ଭାଇଙ୍କ ଝିଅଙ୍କ ସହିତ କିପରି ନିକାହ୍ ହଇପାରିବ ? ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ହ. ଖୌଲା ର.ଅଙ୍କୁ କହିଲେ, ହେ ଖୌଲା ! ତୁମେ ହ. ଅବୁ ବକ୍କର ର.ଅଙ୍କ ନିକଟକୁ ଫେରିଯାଇ କୁହ କି ଇସ୍‌ଲାମ୍ ଧର୍ମରେ ମୁଁ ତୁମର ( ହ. ଅବୁ ବକ୍କର୍ ର.ଅଙ୍କ ଭାଇ) ଭାଇ ଅଟେ ଏବଂ ତୁମେ (ଅର୍ଥାତ୍ ହ. ଅବୁ ବକ୍କର) ମୋର (ଆଁହଜରତ ସ.ଅ) ଭାଇ ଅଟନ୍ତି। ତେଣୁ ତାଙ୍କ ପୁତ୍ରୀଙ୍କ ସହିତ ମୋର ବିବାହ ହୋଇପାରିବ । ଧର୍ମ ବୈଧାନ ହିସାବେର ତ' ତହିଁରେ କୌଣସି ସମସ୍ୟା ଏବଂ ଅସୁବିଧା ନାହିଁ । ସୁତରାଂ ହ. ଖୌଲା ର.ଅ ହ. ଅବୁ ବକ୍କର ର.ଅଙ୍କ ନିକଟକୁ ଫେରିଲେ ଏବଂ ହ. ଅବୁ ବକ୍କର ର.ଅଙ୍କୁ ଉପରୋକ୍ତ କଥା କହିଲେ । ହ. ଅବୁ ବକ୍କର ର.ଅ ଖୌଲା ର.ଅଙ୍କୁ କହିଲେ, ହେ ଖୌଲା ! ଅପେକ୍ଷା କର ।

ସେ ବାହାରକୁ ବାହାରିଗଲେ । ହ. ଉମ୍ମେ ରୁମ୍ମାନ ର.ଅ କହିଲେ, ମୁତ୍‌ଅମ୍ ବିନ୍ ଅଦି ନିଜର ପୁତ୍ରର ଆଏଶା ର.ଅଙ୍କ ପାଇଁ ଚର୍ଚ୍ଚା କରିଥିଲେ । ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ଅବୁ ବକ୍କର ଏପରି କେବେ କୌଣସି ଅଙ୍ଗୀକାର କରି ନାହାନ୍ତି ଯେଉଁ ଅଙ୍ଗୀକାରକୁ ସେ ଭଙ୍ଗ କରିଥିବେ । ସୁତରାଂ ହ. ଅବୁ ବକ୍କର ର.ଅ ମୁତ୍‌ଅମ୍ ବିନ୍ ଅଦି ପାଖକୁ ଗଲେ ଏବଂ ତା' ନିକଟରେ ତା' ସ୍ତ୍ରୀ ଉମ୍ମୁଲ୍ ଫତା ମଧ୍ୟ ଥିଲା । ସେହି ମହିଳା ଜଣକ କହିଲେ, ହେ ଇବ୍‌ନେ କାହାଫା ! ଆମେ ଯଦି ତୁମ ଘରେ ନିଜ ପୁତ୍ରର ବିବାହ କରିଦେଉ ତେବେ ସମ୍ଭବତଃ ତୁମେ ଯେଉଁ ଧର୍ମରେ ଅଛ ତୁମେ ଆମ ପୁତ୍ରକୁ ନିଜ ଧର୍ମରେ ପ୍ରବିଷ୍ଟ କରାଇ ନେବ । ହ. ଅବୁ ବକ୍କର ର.ଅ ମୁତ୍‌ଅମ୍ ବିନ୍ ଅଦିଙ୍କୁ କହିଲେ, ହେ ମୁତଅମ୍ ! ତୁମେ ବି ଏହିପରି କଥା କହୁଛ ? ଅର୍ଥାତ୍ ହ. ଅବୁ ବକ୍କର ର.ଅ ଉଭୟ ସ୍ୱାମୀ ସ୍ତ୍ରୀ (ମୁତଅମ୍ ଓ ତା' ସ୍ତ୍ରୀ ଉମ୍ମୁଲ୍ ଫତା)ଙ୍କୁ ପଚାରିଲେ। ମୁତ୍‌ଅମ୍ କହିଲା, ହେ ଅବୁ ବକ୍କର ! ମୋ ସ୍ତ୍ରୀ ଯାହା କହିଛି ମୁଁ ମଧ୍ୟ ସେହି କଥା କହୁଛି । ହ. ଅବୁ ବକ୍କର ର.ଅ ମୁତ୍‌ଅମ୍ ପାଖକୁ ଆସିଲେ ଏବଂ ଅଲ୍ଲାଃତାଲା ତାଙ୍କ ମନରୁ ସେହି ପ୍ରତିଶ୍ରୁତି ସଂକ୍ରାନ୍ତରେ ସମସ୍ତ ଔଦାସୀନତା (ସନ୍ଦେହ)କୁ ଦୂରୀଭୂତ କରିଦେଲେ । ସେ ଯେତେବେଳେ ଏହି କଥା କହିଦେଲା କି ଆମ ପୁତ୍ର ବର୍ତ୍ତମାନ ମୁସଲମାନ ତ' ହୋଇପାରିବ ନାହିଁ ସେତେବେଳେ ହ. ଅବୁ ବକ୍କର ର.ଅ କହିଲେ ତାହାହେଲେ ସେହି ନିର୍ବନ୍ଧଟି ସମାପ୍ତ ହୋଇଗଲା ଏବଂ ଏହି ଉଦାସୀନୀତା ଏଭଂ ଆଶଙ୍କାଟି ଦୂରୀଭୂତ ହୋଇଗଲା । ଅର୍ଥାତ୍ ହ. ଅବୁ ବକ୍କର୍ ର.ଅ ଯେଉଁ ପ୍ରତିଶ୍ରୁତି କରିଥିଲେ କି ତୁମେ ଯଦି ରିସ୍ତା ପଠେଇବ ତାହାହେଲେ ଆମେ କରିବୁ । ସେହି କଥା ମଧ୍ୟ ସମାପ୍ତ ହୋଇଗଲା । ପୁନଶ୍ଚ ଏତଦ୍‌ପରେ ହ. ଅବୁ ବକ୍କର ର.ଅ ହ. ଖୌଲା ର.ଅଙ୍କୁ କହିଲେ, ହେ ଖୌଲ ! ତୁମେ ମୋ ତରଫରୁ ଆଁହଜରତ ସ.ଅଙ୍କୁ 'ହଁ' ର ସନ୍ଦେଶ ପ୍ରେରଣ କରିଦିଅ । ସୁତରାଂ ହ. ଖୌଲା ର.ଅ ଆପଣ ସ.ଅଙ୍କୁ ସନ୍ଦେଶ ପହଞ୍ଚାଇଲେ ଏବଂ ଆପଣ ସ.ଅ ହ. ଆଏସା ର.ଅଙ୍କ ସହିତ ବିବାହ କଲେ। ଉକ୍ତ ଘଟଣାଟି ମୁସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍‌ରେ ଉଲ୍ଲିଖିତ ହୋଇଛି । **(ମୁସ୍‌ନଦ୍ ଅହେମଦ ବିନ୍ ହମ୍ବଲ, ଭାଗ-8, ପୃ-409-410, ମୁସ୍‌ନଦ୍ ଆଏଶା, ହଦିସ୍, 26288, ଆଲୁମୁଲ୍ କୁତୁବ୍ ବୈରୁତ୍-1998 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ ସ.ଅ, ଭାଗ-5, ପୃ-442-443)**

ହ. ଆଏଶା ର.ଅ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ.ଅ ବିବାହ ପରେ କହିଲେ, ହେ ଆଏଶା ! ମୁଁ ତୁମ ସହିତ ବିବାହ କରିବା ପୂର୍ବରୁ ମୁଁ ତୁମକୁ ସ୍ୱପ୍ନରେ ଦୁଇଥର ଦେଖିଛି । ମୁଁ ଦେବଦୂତକୁ ଦେଖିଲି ଯେ, ସେ ତୁମକୁ ରେଶମର ଏକ ଖଣ୍ଡରେ ଉଠାଇଛନ୍ତି ।

ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ସେହି ଦେବଦୂତମାନେ କହିଲେ, ହେ ମୁହମ୍ମଦ୍ ସ.ଅ ! ଏ ହେଉଛନ୍ତି ଆପଣଙ୍କ ପବିତ୍ର ପତ୍ନି ଓ ଜୀବନସାଥୀ । ମୁଁ ସେହି ଦେବଦୂତଙ୍କୁ କହିଲି, ଆଜ୍ଞା ! ଟିକିଏ କପଡ଼ଟା ଘୁଞ୍ଚାନ୍ତୁ । ସୁତରାଂ ସେହି ଦେବଦୂତ ଜଣକ ଯେତେବେଳେ କପଡ଼ ହଟାଇଲେ ବା ଘୁଞ୍ଚାଇଲେ ସେତେବେଳେ ମୁଁ କ'ଣ ଦେଖୁଛି ସେହି ପବିତ୍ର ନାରୀ ହେଉଛ ତୁମେ ଓ ମୁଁ ତୁମକୁ ହିଁ ଦେଖିଲି । ମୁଁ କହିଲି, ଯଦି ଏହି ପ୍ରସଙ୍ଗଟି ପ୍ରଭୁଙ୍କ ତରଫରୁ ଅଛି ତେବେ ସେ ଅବଶ୍ୟ ଏହାକୁ ପୂର୍ଣ୍ଣ କରିଦେବେ । ଏତଦ୍‌ପରେ ତୁମେ ମୋତେ ସ୍ୱପ୍ନରେ ଦୃଶ୍ୟମାନ ହେଲ ସେହି ଦେବଦୂତ ତୁମକୁ ଏକ ରେଶମ ଖଣ୍ଡ ଉପରେ ଉଠାଇ ଧରିଛନ୍ତି । ମୁଁ ଦେବଦୂତଙ୍କୁ କହିଲି, ଆଜ୍ଞା ଟିକିଏ କପଡ଼ାଟା ଘୁଞ୍ଚାଇବେ ! ତେଣୁ ମୁଁ ତୁମକୁ ହିଁ ଦେଖିଲି । ପୁନଶ୍ଚ ମୁଁ ଏହା ହିଁ କହିଲି ଯେ, ଯଦି ଏହା ଅଲ୍ଲାଃତାଲାଙ୍କ ତରଫରୁ ଅଟେ ତେବେ ସେ ଏହି ସ୍ୱପ୍ନକୁ ଅବଶ୍ୟ ସାକାର କରିବେ । ଉକ୍ତ ବର୍ଣ୍ଣନାଟି ହ. ଆଏଶା ର.ଅଙ୍କ ସଂକ୍ରାନ୍ତରେ ବୁଖାରୀରେ ଉଲ୍ଲିଖିତ ହୋଇଛି । **(ସହିହୁଲ୍ ବୁଖାରୀ, କିତାବୁତ୍ ତାବିର, ବାବ୍ କଶ୍‌ଫଲ୍ ମରଅତୁ ଫିଲ୍ ମନାମି, ହାଦିସ୍ ନଂ-7011) (ସହିହୁଲ୍ ବୁଖାରୀ କିତାବୁତ୍ ତାବିର୍, ବାବ୍-ସିୟାବୁଲ୍ ହିରିରି ଫିଲ୍ ମନାମି, ହଦିସ୍ ନଂ-7012)**

ସାହାବାମାନଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ କିତାବୁଲ୍ ଇସ୍ତିଆବ୍‌ରେ ହ. ଆଏଶା ର.ଅଙ୍କ ଏକ ବର୍ଣ୍ଣନା ରହିଛି ଯେ, ଏକଦା ହ. ଅବୁ ବକ୍କର ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ନିଜର ପତ୍ନିଙ୍କ ରୁଖ୍‌ସତି (ପିତାଙ୍କ ଘରୁ ବିଦାୟ) କାହିଁକି କରାଉ ନାହାନ୍ତି ? (ଅର୍ଥାତ୍ ହ. ଆଏଶା ର.ଅଙ୍କ ସହିତ ତ' ଆପଣ ସ.ଅଙ୍କ ନିର୍ବନ୍ଧ ହୋଇ ସାରିଥିଲା କିନ୍ତୁ ବିଦାୟ ହୋଇ ନଥିଲା) ହ. ଅବୁ ବକ୍କର ର.ଅ ସ୍ୱୟଂ କହିଲେ, ହେ ମୁହମ୍ମଦ ସ.ଅ ! ତୁମେ ରୁଖ୍‌ସତି କାହିଁକି କରାଉ ନାହଁ ? ଆପଣ ସ.ଅ କହିଲେ, ହେ ଅବୁ ବକ୍କର ! ମୁଁ ମେହେର ରାଶି ଯୋଗୁଁ ରୁଖ୍‌ସତି କରୁ ନାହିଁ । ହ. ଅବୁ ବକ୍କର ର.ଅ ଆଁହଜରତ ସ.ଅଙ୍କୁ 12 ଔକିୟାହ୍ ଦେଲେ । ଏକ ଔକିୟାହ୍ 40 ଦିରହମ୍ ତୁଲ୍ୟ ଅଟେ ଏବଂ ଆପଣ ସ.ଅ ଏହି ଅର୍ଥ ଅର୍ଥାତ୍ ମେହେର ଆମ ନିକଟକୁ ପ୍ରେରଣ କରିଦେଲେ । (ଅସ୍‌ସିରତୁଲ୍ ହଲବିୟାହ୍, ଭାଗ-2, ପୃ-167, ପ୍ରକାଶ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)

ବିବାହ ସମୟରେ ହ. ଆଏଶା ର.ଅଙ୍କ ବୟସ 12 ବର୍ଷ ଥିଲା ବୋଲି ଇତିହାସବିତ୍ ଏବଂ ଜୀବନୀ ଲେଖାଳୀମାନେ ଏବଂ ପରବର୍ତ୍ତୀ ବର୍ଣ୍ଣନକାରୀମାନେ ବର୍ଣ୍ଣନା କରିବା କାରଣ ସଂକ୍ରାନ୍ତରେ ମତପାର୍ଥକ୍ୟ ସୃଷ୍ଟି ହୋଇଯାଇଛି । ଅଣଧର୍ମାବଲମ୍ବୀମାନେ ମଧ୍ୟ ଏଥିସଂକ୍ରାନ୍ତରେ ବଡ଼ ବଡ଼ ଆପତ୍ତି ତଥା ପ୍ରଶ୍ନ ଉତ୍ଥାପିତ କରୁଛନ୍ତି ଅନ୍ୟଥା ନୈତିକତା ଏହିକି ଯେ, ହ. ଆଏଶା ର.ଅଙ୍କ ଯେତେବେଳେ ବିବାହ ହେଲା ସେତେବେଳେ ବୟସ ଦୃଷ୍ଟିରୁ କୌଣସି ନୂଆ କଥା ନଥିଲା କି ସେଠାକାର ଲୋକମାନଙ୍କ ମଧ୍ୟରେ କୌଣସି ପ୍ରଶ୍ନ କିମ୍ବା ଆପତ୍ତି ସୃଷ୍ଟି ହୋଇଥାଆନ୍ତା ।

ଯଦି ଆଶ୍ଚର୍ଯ୍ୟଜନକ ଭାବରେ କୌଣସି ଆଶ୍ଚର୍ଯ୍ୟକର ଘଟଣା ବା କଥା ହୋଇଥାଆନ୍ତା ତେବେ କପଟବିଶ୍ୱାସୀ କିମ୍ବା ବିରୋଧୀମାନେ ଅବଶ୍ୟ ବହୁଳ ଭାବରେ ଆପତ୍ତି ଏବଂ ପ୍ରଶ୍ନ କରିଥାଆନ୍ତେ । କିନ୍ତୁ କୌଣସି ପୁସ୍ତକରେ ମଧ୍ୟ

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଏପରି ଆପତ୍ତି ବର୍ଣ୍ଣିତ ହୋଇ ନାହିଁ । ଯେଉଁ ପୁସ୍ତକମାନଙ୍କରେ ହ. ଆଏଶା ର.ଅଙ୍କ ବୟସ ଅସାଧାରଣ ଭାବରେ ସ୍ୱଳ୍ପ ବୟସ ବୋଲି ବର୍ଣ୍ଣିତ ହୋଇଛି ତତ୍‌ସଂକ୍ରାନ୍ତରେ ବିଚାରକାରୀ ତଥା ନିର୍ଣ୍ଣୟକାରୀ ବ୍ୟକ୍ତି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ସେହି ବର୍ଣ୍ଣନାଗୁଡ଼ିକୁ ଅବାନ୍ତର ଏବଂ ଭିତ୍ତିହୀନ ବୋଲି ବିବେଚିତ କରିଛନ୍ତି । ଆପଣ ଅ.ସ କୁହନ୍ତି: "ହ. ଆଏଶା ର.ଅଙ୍କ ୨ ବର୍ଷୀୟ ବୟସ ହେବା କେବଳ ଅବାନ୍ତର ଏବଂ ଭିତ୍ତିହୀନ କଥନ ତଥା ବର୍ଣ୍ଣନାଗୁଡ଼ିକରେ ବର୍ଣ୍ଣିତ ହୋଇଛି । କୌଣସି ହଦିସ୍‌ରେ କିମ୍ବା ପବିତ୍ର କୁରଆନ୍ କରୀମ୍‌ରୁ ପ୍ରମାଣିତ ନୁହେଁ ।"

**(ଆର୍ଯ୍ୟ ଧର୍ମ, ରୁହାନୀ ଖଜାଏନ୍, ଭାଗ-10, ପୃ-64)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ହ. ଆଏଶା ର.ଅଙ୍କ ରୁଖ୍‌ସତି (କନ୍ୟାର ପିତାଙ୍କ ଘରୁ ବିଦାୟ)ର ବିସ୍ତୃତ ବିବରଣୀ ବର୍ଣ୍ଣନା କରି ଉଲ୍ଲେଖ କରିଛନ୍ତି ଯେ: "ହ. ଖଦିଜା ର.ଅଙ୍କ ବିୟୋଗ ପରେ ଆଁହଜରତ ସ.ଅ ଆଏଶା ସିଦ୍ଦିକା ର.ଅଙ୍କ ସହିତ ବିବାହ କରିଥିଲେ । ସେହି ସନ୍ ହେଉଛି ନବୱୀ (ଅବତାରତ୍ୱ)ର ଦଶମ ବର୍ଷ ଏବଂ ଶୱାଲ ମାସ ଥିଲା । ଯେତେବେଳେ ହ. ଆଏଶା ର.ଅଙ୍କ ରିସ୍ତା ହୋଇଥିଲା ସେତେବେଳେ ଆପଣ ର.ଅଙ୍କୁ 7 ବର୍ଷ ବୟସ ହୋଇଥିଲା । କିନ୍ତୁ ଏହା ଜ୍ଞାତ ହେଉଛି ଯେ, ତାଙ୍କ ବୟସର ଅଭିବୃଦ୍ଧି ହାର ମଧ୍ୟ ସେତେବେଳେ ଅସାଧାରଣ ଥିଲା । ଅନ୍ୟଥା କୌଣସି କାରଣ ନିଥିଲା କି ଖୌଲା ବିନ୍‌ତ୍ ହକିମ୍‌ଙ୍କୁ ଯିଏ ହ. ଆଏଶା ର.ଅଙ୍କ ନିକାହ୍‌ର କାରଣ ସାଜିଥିଲେ ଏବଂ ବିବାହ ନିମନ୍ତେ ଆଁହଜରତ ସ.ଅଙ୍କ ଧ୍ୟାନ ହ. ଆଏଶା ର.ଅଙ୍କ ଆଡ଼କୁ ଯାଇଥାଆନ୍ତା ।

କିନ୍ତୁ ସେ ଯାହା ହେଉ ବିବାହ ହେବା ପର୍ଯ୍ୟନ୍ତ ହ. ଆଏଶା ର.ଅ ସାବାଳିକା ହୋଇ ନଥିଲେ ତେଣୁ ସେତେବେଳେ ନିକାହ୍ ତ' ହୋଇଗଲା କିନ୍ତୁ ବର୍ତ୍ତମାନ ପ୍ରବାସର ଦ୍ୱିତୀୟ ବର୍ଷରେ ଯେତେବେଳେ ତାଙ୍କର (ହ. ଆଏଶା ର.ଅଙ୍କ) ବିବାହକୁ 5 ବର୍ଷ ବିତି ଯାଇଥିଲା । ନିକାହ୍ ସମୟରେ ହ. ଆଏଶା ର.ଅଙ୍କ ବୟସ 12 ବର୍ଷ ଥିଲା ଏବଂ ସେତେବେଳକୁ ଆପଣ ପ୍ରାପ୍ତ ବୟସା (ସାବାଳିକା) ହୋଇ ସାରିଥିଲେ। ସୁତରାଂ ସ୍ୱୟଂ ହ. ଅବୁ ବକ୍କର ର.ଅ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ରୁଖ୍‌ସତ୍ ପାଇଁ କହିଲେ । ଫଳତଃ ଆଁହଜରତ୍ ସ.ଅ ମେହେର୍ ପୈଠ କରିବା ନିମନ୍ତେ ବ୍ୟବସ୍ଥା କଲେ......ଏବଂ ଶୱାଲ୍ ମାସ ସନ୍ 2 ହିଜ୍ରୀରେ ହ. ଆଏଶା ର.ଅ ନିଜର ଅଭିଭାବକଙ୍କ ଘରୁ ରୁଖ୍‌ସତ୍ (ବିଦାୟ) ହୋଇ ହରମେ (ଆଁହଜରତ ସ.ଅଙ୍କ ଅଧୀନ) ନବୱୀରେ ପ୍ରବିଷ୍ଟ ହୋଇଗଲେ ।" **(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-423)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏ ହେଉଛି ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅଙ୍କ ଗବେଷଣା । କିନ୍ତୁ କେତେକ ଇତିହାସବିତ୍‌ମାନଙ୍କ ନିକଟରେ ଏହାଠୁ ବି ଅଧିକ ପ୍ରସଙ୍ଗ ବର୍ଣ୍ଣନା କରାଯାଇଥାଏ । ବିବାହ ସମୟରେ ହ. ଆଏଶା ର.ଅଙ୍କ ମାତା ମଦିନାର ମୁଜାଫାତ୍‌ରେ ଏକ ସ୍ଥାନ ଯାହାର ନାମ ଅସ୍‌ସୁଖ୍ ଅଟେ ସେଠାରେ ଅବସ୍ଥାନ କରିଥିଲେ । ସୁତରାଂ ଅନ୍‌ସାରୀ ମହିଳାମାନେ ସେଠାରେ ଏକତ୍ରିତ ହୋଇ ହ. ଆଏଶା ର.ଅଙ୍କୁ ରୁଖ୍‌ସତ୍ (ବିଦାୟ) ଜଣାଇବା ନିମନ୍ତେ ସାଜ ସଜ୍ଜା କଲେ । ପୁନଶ୍ଚ ଆଁହଜରତ ସ.ଅ ସ୍ୱୟଂ ସେଠାକୁ ଗମନ କରିଥିଲେ ଏବଂ ଏତଦ୍‌ପରେ ହ. ଆଏଶା ର.ଅ ନିଜ ଘରୁ ରୁଖ୍‌ସତ୍ ହୋଇ ଆଁହଜରତ ସ.ଅଙ୍କୁ ବିବାହ କରି ଆଁହଜରତ ସ.ଅଙ୍କ ଘରେ ପ୍ରବିଷ୍ଟ ହୋଇଥିଲା । **(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-429-430)**

ହ. ମିର୍ଜା ବଶୀର ଅହେମଦ ସାହେବ ହ. ଆଏଶା ର.ଅଙ୍କ ବିଶେଷତା ସଂପର୍କରେ ବର୍ଣ୍ଣନା କରି ଉଲ୍ଲେଖ କରନ୍ତି ଯେ, "ସ୍ୱଳ୍ପ ବୟସ୍କା ବା ନାବାଳିକା ହେବା ସତ୍ତ୍ୱେ ହ. ଆଏଶା ର.ଅଙ୍କ ମସ୍ତିଷ୍କ ଏବଂ ସ୍ମରଣ ଶକ୍ତି ଅତ୍ୟନ୍ତ ଆଶ୍ଚର୍ଯ୍ୟକର ଓ ପ୍ରଖର ଥିଲା । ଆଁହଜରତ ସ.ଅଙ୍କ ତତ୍ତ୍ୱାବଧାନରେ ହ. ଆଏଶା ର.ଅ ଅତ୍ୟନ୍ତ ତ୍ୱରାନ୍ୱିତ ଭାବରେ ଅଭୂତପୂର୍ବକ ଶିକ୍ଷା କ୍ଷେତ୍ରରେ ଉନ୍ନତି କିରଥିଲେ । ବାସ୍ତବରେ ସେହି ସ୍ୱଳ୍ପ ବୟସରେ ହ. ଆଏଶା ର.ଅଙ୍କୁ ଆଁହଜରତ ସ.ଅ ନିଜ ଘରେ ବିବାହ କରି ଆଣିବାର ମୂଳ ଲକ୍ଷ୍ୟ ଏହା ରହିଥିଲା କି ହ. ଆଏଶା ର.ଅ ବାଲ୍ୟାବସ୍ଥାରୁ ହିଁ ନିଜ ଇଚ୍ଛା ଅନୁଯାୟୀ ହ. ଆଏଶା ର.ଅଙ୍କର ସଂସ୍କାର କରିପାରିବେ ଓ ହ. ଆଏଶା ର.ଅଙ୍କୁ ଆଁହଜରତ ସ.ଅଙ୍କ ସାହଚର୍ଯ୍ୟତ୍ୱରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବାର ସୁଯୋଗ ପ୍ରାପ୍ତ ହେବ, ଆପଣ (ହ. ଆଏଶା) ର.ଅ ସମ୍ବେଦନଶୀଳ ଏବଂ ମହାନ କାର୍ଯ୍ୟ ନିମନ୍ତେ ଯୋଗ୍ୟ ନାରୀ ରୂପେ ପରିଗଣିତ ହୋଇପାରିବେ ଯାହାକି (ଅର୍ଥାତ୍ ଯେଉଁ ଗୁରୁ ଦାୟିତ୍ୱଗୁଡ଼ିକ) ଜଣେ ନବୀଙ୍କ ପତ୍ନୀଙ୍କ ଉପରେ ନ୍ୟସ୍ତ ହୋଇଥାଏ ।

ସୁତରାଂ ଆପଣ ସ.ଅନିଜ ଅଭିପ୍ରାୟରେ ସାଫଲ୍ୟମଣ୍ଡିତ ହେଲେ ଏବଂ ହଜରତ୍ ଆଏଶା ର.ଅ ମୁସଲମାନ ମହିଳାମାନଙ୍କର ଯେଉଁ ଚାରିତ୍ରିକ ସଂସ୍କାର ଏବଂ ସଂଶୋଧନ ତଥା ଶିକ୍ଷାଗତ ସଂସ୍କାରର କାର୍ଯ୍ୟ ସମ୍ପାଦନ କଲେ ତାହାର ଦୃଷ୍ଟାନ୍ତ ବିଶ୍ୱ ଇତିହାସରେ ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳୁ ନାହିଁ । ଆଁହଜରତ ସ.ଅଙ୍କ ଆହଦିସ୍‌ର ଏକ ବୃହତ୍ ଓ ଅତ୍ୟନ୍ତ ଆବଶ୍ୟକୀୟ ଅଂଶ ହ. ଆଏଶା ର.ଅଙ୍କ ବର୍ଣ୍ଣନା ଉପରେ ପର୍ଯ୍ୟବେସିତ ଅଟେ । ଏପର୍ଯ୍ୟନ୍ତକି ତାଙ୍କର (ଅର୍ଥାତ୍ ହ. ଆଏଶା ର.ଅଙ୍କ) ବର୍ଣ୍ଣନାଗୁଡ଼ିକର ସଂଖ୍ୟା 2210 ପର୍ଯ୍ୟନ୍ତ ପହଞ୍ଚି ଯାଉଛି । ହ. ଆଏଶା ର.ଅଙ୍କ ଜ୍ଞାନ, କୃପା ଓ ଧର୍ମ ତତ୍ତ୍ୱବୋଧର ଏହି ଅବସ୍ଥା ରହିଥିଲା ଯେ, ବରିଷ୍ଠ ସାହାବାମାନେ ହ. ଆଏଶା ର.ଅଙ୍କ ସାହସିକତାର ପ୍ରଶଂସା କରୁଥିଲେ ଏବଂ ତାଙ୍କ ଠାରୁ କଲ୍ୟାଣ ପ୍ରାପ୍ତ କରୁଥିଲେ ।

ଏପର୍ଯ୍ୟନ୍ତକି ହଦିସ୍‌ରେ ଚର୍ଚ୍ଚା ମିଳେ ଯେ, ଆଁହଜରତ ସ.ଅଙ୍କ ପରେ ସାହାବାମାନଙ୍କୁ କୌଣସି ଶୈକ୍ଷିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ି ନଥିଲା । ଅର୍ଥାତ୍ ସାହାବାମାନେ ଯଦି କୌଣସି ଶୈକ୍ଷିକ ସମସ୍ୟାରେ ସମ୍ମୁଖୀନ ହେଉଥିଲେ ତେବେ ସେପରିପ୍ରେକ୍ଷୀରେ ସେମାନେ ଏହାର ସମାଧାନ ହ. ଆଏଶା ର.ଅଙ୍କ ଠାରୁ ପ୍ରାପ୍ତ କରୁଥିଲେ । ଉର୍‌ୱା ବିନ୍ ଜୁବେରିଙ୍କ କଥନ ରହିଛି । ସେ କୁହନ୍ତି, ମୁଁ କୌଣସି ବ୍ୟକ୍ତିଙ୍କୁ ହ.ଆଏଶା ର.ଅଙ୍କ ଦତ୍ତ ଜ୍ଞାନ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନ, ସମ୍ପତ୍ତିର ଜ୍ଞାନ, ବୈଧ ଓ ଅବୈଧ ଜ୍ଞାନ, ଧର୍ମ ତତ୍ତ୍ୱବୋଧ, କବିତା ଏବଂ ପଥ୍ୟ ତଥା ଔଷଧ ବିଦ୍ୟା, ହଦିସ୍‌ର ଜ୍ଞାନ ଏବଂ ଆରବୀ ଭାଷା ଜ୍ଞାନ ଓ ବଂଶାବଳୀ ଜ୍ଞାନ ଠାରୁ ଅଧିକ ଜ୍ଞାନୀ ଓ ଜ୍ଞାନର ଅଧିକାରିଣୀ ତଥା ଧୂରୀଣ ଅନ୍ୟ କୌଣସି ବ୍ୟକ୍ତିକୁ ପାଇ ନାହିଁ । ଧର୍ମ ପରାୟଣତା, ମିତବ୍ୟୟତାରେ ହ. ଆଏଶା ସିଦ୍ଦିକା ର.ଅଙ୍କ ଏହି ମର୍ଯ୍ୟାଦା ରହିଥିଲା କି ଏକଦା ତାଙ୍କ ନିକଟକୁ ଏକ ଲକ୍ଷ ଦିରହମ୍ କେଉଁଠୁ ଆସିଲା । ସେହି ଅର୍ଥକୁ ଆପଣ ର.ଅ ସନ୍ଧ୍ୟା ହେବା ପୂର୍ବରୁ ହିଁ ଖର୍ଚ୍ଚ କରିଦେଲେ । ହେଲେ ସନ୍ଧ୍ୟାକାଳୀନ ଆହାର ନିମନ୍ତେ ଘରେ କିଛି ବି ନଥିଲା । ଏହି ପ୍ରଶଂସନୀୟ ଗୁଣାବଳୀ ହେତୁ ଆଁହଜରତ ସ.ଅଙ୍କ କାଳରେ ହିଁ ଏହାର ଝଲକ ଦେଖିବାକୁ ମିଳିଥିଲା । ଆଁହଜରତ ସ.ଅ ବିଶେଷ କରି ହ. ଆଏଶା ର.ଅଙ୍କୁ ସବୁଠୁ ବେଶୀ ଭଲ ପାଉଥିଲେ ଏବଂ ଆପଣ (ହ. ଆଏଶା ର.ଅ) ଆଁହଜରତ ସ.ଅଙ୍କ ପ୍ରିୟତମା ସାଜିଥିଲେ ।

ସୁତରାଂ ଏକଦା ଆଁହଜରତ ସ.ଅ କହିଲେ, ହେ ସାହାବାମାନେ ! ପୁରଷମାନଙ୍କ ମଧ୍ୟରେ ଏପରି ଅନେକ ବ୍ୟକ୍ତି ଅତିକ୍ରାନ୍ତ ହୋଇଛନ୍ତି ଯେଉଁମାନେ ସର୍ବଗୁଣ ସମ୍ପନ୍ନ ଅଟନ୍ତି । କିନ୍ତୁ ମହିଳାମାନଙ୍କ ମଧ୍ୟରେ ସର୍ବଗୁଣ ସମ୍ପନ୍ନ ମହିଳା ଖୁବ୍ କ୍ୱଚିତ ଅତିକ୍ରାନ୍ତ ହୋଇଛନ୍ତି । ପୁନଶ୍ଚ ଆପଣ ସ.ଅ ଫରିଔନ୍‌ର ପତ୍ନି ଆସିୟା ଏବଂ ମରିୟମ୍ ବିନ୍‌ତ୍ ଇମ୍ରାନ୍‌ର ନାମ ନେଲେ ଓ କହିଲେ, ଆଏଶାଙ୍କୁ ମହିଳାମାନଙ୍କ ଉପରେ ସେହି ମର୍ଯ୍ୟାଦା ପ୍ରାପ୍ତ ହୋଇଛି ଯାହା ଆରବର ସର୍ବୋତ୍କୃଷ୍ଟ ଖାଦ୍ୟ ସୁରିଦ୍‌କୁ ଅନ୍ୟ ଖାଦ୍ୟ ଉପରେ (ମର୍ଯ୍ୟାଦା) ପ୍ରାପ୍ତ ହୋଇଛି ।

ଏକଦା ଆଁହଜରତ ସ.ଅଙ୍କ ଅନ୍ୟ କେତେକ ପବିତ୍ର ପତ୍ନିମାନେ କୌଣସି ପାରିବାରିକେ ପ୍ରସଙ୍ଗରେ ହ. ଆଏଶା ର.ଅଙ୍କ ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କ ସହିତ କୌଣସି କଥା କହିଲେ । କିନ୍ତୁ ଆପଣ ସ.ଅ ନିରବ ରହିଲେ, କିନ୍ତୁ ଯେତେବେଳେ ଅଳିପୂର୍ବକ ତଥା ଜୋର ଦେଇ କୁହାଗଲା ସେତେବେଳେ ଆପଣ ସ.ଅ କହିଲେ, ହେ ପତ୍ନିମାନେ ! ମୁଁ ତୁମମାନଙ୍କର ଏହି ଅଭିଯୋଗର କ'ଣଟା (ସମାଧାନ ଓ ଉତ୍ତର) କରିବି ? ଏହି ଅଭିଯୋଗକୁ ଶୁଣି ମୁଁ କ'ଣ ବା କରିବି ? ମୁଁ ତ' ଏହା ଜାଣେ ଯେ, ମୋ ଉପରେ କେବେ କୌଣସି ପତ୍ନିର ବସ୍ତ୍ର ଆକାରରେ ଐଶୀବାଣୀ ଅବତୀର୍ଣ୍ଣ ହୋଇ ନାହିଁ । କିନ୍ତୁ ଆଏଶା ର.ଅଙ୍କ କ୍ଷେତ୍ରରେ ବସ୍ତ୍ର ଆକାରରେ ମୋ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଥିଲା ।

ଅଲ୍ଲାଃ ଅଲ୍ଲାଃ (ହେ ପ୍ରଭୁ !) ! ସେହି ପତ୍ନି କେତେ ପବିତ୍ର ଥିଲେ ଯାହାଙ୍କୁ ଏହି ବିଶେଷତା ପ୍ରାପ୍ତ ହୋଇଥିଲା ଏବଂ ସେହି ବଂଶଟି କେଡ଼େ ପବିତ୍ରବାନ୍ ବଂଶ ଥିଲା ଯେଉଁ ବଂଶର ପ୍ରେମର ସ୍ତର ମଧ୍ୟ ପବିତ୍ର ଏବଂ ପୌନଃପୁନିକ ବ୍ୟତୀତ ଅନ୍ୟ କିଛି ନଥିଲା !!...........ଆହଦିସ୍‌ରେ ଏହି ଚର୍ଚ୍ଚା ମଧ୍ୟ ମିଳେ ଯେ, ଶେଷ ଯୁଗରେ ହ. ସୌଦା ବିନତ୍ ଜମ୍‌ଆ ର.ଅ ନିଜ ପାଳି ହ. ଆଏଶା ର.ଅଙ୍କୁ ଦେଇ ଦେଇଥିଲେ ଓ ଏହିପରି ଭାବରେ ହ. ଆଏଶା ର.ଅଙ୍କୁ ଆଁହଜରତ ସ.ଅଙ୍କ ସାହଚର୍ଯ୍ୟତ୍ୱରୁ ଉପକୃତ ହେବାର ଦୁଇ ଥର ସୁଯୋଗ ପ୍ରାପ୍ତ ହୋଇଥିଲା.....କାରଣ ଆଁହଜରତ ସ.ଅ ହ.

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଆଏଶା ର.ଅଙ୍କ ଶିକ୍ଷା ଓ ସଂସ୍କାରର ପ୍ରତି ବେଶ୍ ଯତ୍ନବାନ୍ ଥିଲେ । ହ. ଆଏଶା ର.ଅ ନିଜର ବୟସ ଏବଂ ପରିସ୍ଥିତି ଦୃଷ୍ଟିରୁ ଏତେ ଯୋଗ୍ୟ ମହିଳା ଥିଲେ ଯେ, ତାଙ୍କ ଉପରେ ବିଶେଷ ଧ୍ୟାନ ଦିଆଯିବାର ଆବଶ୍ୟକତା ଥିଲା । ଅତଃ ରସୁଲୁଲ୍ଲାଃ ସ.ଅ ପାଳି ସଂକ୍ରାନ୍ତରେ ସୌଦା ର.ଅଙ୍କ ପ୍ରସ୍ତାବକୁ ସ୍ୱୀକାର କରିନେଲେ । କିନ୍ତୁ ଏହାପରେ ମଧ୍ୟ ଆପଣ ସ.ଅ ହ. ସୌଦା ର.ଅଙ୍କ ନିକଟରେ ନିୟମିତ ଯାଉଥିଲେ ଏବଂ ଅନ୍ୟ ପତ୍ନିମାନଙ୍କ ପରି ତାଙ୍କ (ହ. ସୌଦା ର.ଅ) ମନ ରଖିବା, ତାଙ୍କ ମନ ଜିଣିବା ଓ ତାଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟର ଯତ୍ନ ମଧ୍ୟ ନେଉଥିଲେ ।"

ହ. ଆଏଶା ର.ଅଙ୍କ ଶିକ୍ଷିତ ହେବା ସଂକ୍ରାନ୍ତରେ ନାନା ମତପାର୍ଥକ୍ୟ ରହିଛି । କିନ୍ତୁ ବୁଖାରୀର ଏକ ବର୍ଣ୍ଣନାରୁ ଏହା ଜଣାପଡ଼େ ଯେ, ତାଙ୍କ ନିକଟରେ ପବିତ୍ର କୁରଆନ୍ କରୀମ୍‌ର ଏକ ପ୍ରତିଲିପି ଲିଖିତ ଆକାରରେ ମହଜୁଦ୍ ରହିଥିଲା । ତେଣୁ ସେହି ପ୍ରତିଲିପିରୁ ସେ ଜଣେ ଇରାକୀୟ ମୁସଲମାନ ବ୍ୟକ୍ତିଙ୍କୁ କେତେକ ଆୟତର ସ୍ୱୟଂ ତ୍ରୁଟି ସଂଶୋଧନ କରାଇଥିଲେ । ଯହିଁରୁ ଏହା ସାବ୍ୟସ୍ତ ହୁଏ ଯେ, ହ. ଆଏଶା ର.ଅ ଅନ୍ତତଃ ଜଣେ ଶିକ୍ଷିତା ନାରୀଟିଏ ଅବଶ୍ୟ ଥିଲେ ଏବଂ ପ୍ରାୟତଃ ସେ ନିଜର ରୁଖ୍‌ସତାନା ପରେ ହିଁ ଲେଖାପଢ଼ା ଶିଖିଥିଲେ ।

କିନ୍ତୁ ଯେପରି କେତେକ ଇତିହାସବିତ୍‌ମାନେ ବ୍ୟାଖ୍ୟା କରିଛନ୍ତି ଯେ, ହ. ଆଏଶା ର.ଅ ପ୍ରାୟତଃ ଲେଖାପଢ଼ା ଜାଣି ନଥିଲେ । ହ. ଆଏଶା ର.ଅ ଆଁହଜରତ ସ.ଅଙ୍କ ବିୟୋଗ ପରେ ନ୍ୟୂନାଧିକ 48 ବର୍ଷ ବୟସ ପର୍ଯ୍ୟନ୍ତ ଜୀବିତ ରହିଥିଲେ ଏବଂ ସନ୍ 58 ହିଜ୍ରୀର ରମ୍‌ଜାନ୍ ମାସରେ ନିଜର ପ୍ରିୟ ପାଳନକର୍ତ୍ତାଙ୍କୁ ସାକ୍ଷାତ୍ କରିଥିଲେ (ଅର୍ଥାତ୍ ମୃତ୍ୟୁବରଣ କରିଥିଲେ) । ସେତେବେଳେ ତାଙ୍କୁ ପ୍ରାୟ 68 ବର୍ଷ ବୟସ ହୋଇଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ସାହେବ୍‌ଜାଦା ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବ ଏମ.ଏ. ର.ଅ, ପୃ-430-432)**

ପୁନଶ୍ଚ ଏକ ଘଟଣା ଯାହାକି ଆଁହଜରତ ସ.ଅଙ୍କ ଜୀବନରେ ବଦର୍ ଯୁଦ୍ଧ ପରେ ତୁରନ୍ତ ହୋଇଥିଲା । ସେହି ଘଟଣାଟି ଆପଣ ସ.ଅଙ୍କ ସୁପୁତ୍ରୀ ହ. ଜୈନବ୍ ର.ଅଙ୍କର ଘଟଣା ଅଟେ ଏବଂ ଯିଏ ମକ୍କାରେ ଥିଲେ ଓ ପୁନଶ୍ଚ ସେ ମଦିନା ଚାଲି ଆସିଲେ । ଆଁହଜରତ ସ.ଅଙ୍କ ଜ୍ୱାଇଁ ଅବୁଲ୍ ଆସ୍ ବିନ୍ ରବିଇ ମଧ୍ୟ ବଦର୍ ଯୁଦ୍ଧରେ ମୁସଲମାନମାନଙ୍କ ହସ୍ତରେ ବନ୍ଦୀ ହୋଇଥିଲେ । ଅବୁଲ୍ ଆସ୍‌ଙ୍କ ପତ୍ନୀ ଜୈନବ୍ ର.ଅ ମକ୍କାରେ ରହୁଥିଲେ । ସେହି ହାରଟିକୁ ନିଜ ସ୍ୱାମୀଙ୍କୁ ଫିଦିୟା (ବନ୍ଦୀଙ୍କୁ ମୁକୁଳାଇବା ନିମନ୍ତେ ଦିଆଯାଉଥିବା ଅର୍ଥ) ପ୍ରେରଣ କଲେ ଯାହାକି ତାଙ୍କର ମାତାଶ୍ରୀ ହ. ଖଦିଜା ର.ଅ ଜୈନବ୍ ର.ଅଙ୍କ ବିବାହ ଅବସରରେ ଝିଅ ଜୈନବ୍‌ଙ୍କୁ ପ୍ରଦାନ କରିଥିଲେ ।

ଫିଦିୟା ଆଣିଲାବାଲା ବ୍ୟକ୍ତି ଅବୁଲ୍ ଆସ୍‌ଙ୍କ ଭାଇ ଉମ୍ରୋ ବିନ୍ ରବିଇ ଥିଲା । ଆଁହଜରତ ସ.ଅ ଯେତେବେଳେ ଉକ୍ତ ହାରଟିକୁ ଦେଖିଲେ ସେତେବେଳେ ଆପଣ ଅତ୍ୟନ୍ତ ଦୁଃଖିତ ମର୍ମାହତ ଏବଂ ଲୋତକାପ୍ଲୁତ ହୋଇଗଲେ । ପୁନଶ୍ଚ ଆପଣ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ତୁମେମାନେ ଯଦି ଉଚିତ୍ ବୋଲି ମନେକରୁଛ ତେବେ ଜୈନବ୍‌ଙ୍କ ବନ୍ଦୀଙ୍କୁ ମୁକ୍ତ କରିଦିଅ ଏବଂ ତାଙ୍କର ଏହି ଭେଟିକୁ ମଧ୍ୟ ଫେରସ୍ତ କରିଦିଅ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଅବଶ୍ୟ, ସୁତରାଂ ସାହାବାମାନେ ଅବୁଲ ଆସ୍‌କୁ ମୁକ୍ତ କରିଦେଲେ। ହ. ଜୈନବ୍ ର.ଅଙ୍କ ହାର ମଧ୍ୟ ଫେରସ୍ତ କରିଦେଲେ । କିନ୍ତୁ ଆଁହଜରତ ସ.ଅ ଅବୁଲ୍ ଆସ୍‌ଙ୍କୁ ଏହି ସର୍ତ୍ତରେ ମୁକ୍ତ କଲେ ଯେ, ମକ୍କା ପହଞ୍ଚିବା ମାତ୍ରେ ସେ ହ. ଜୈନବ୍ ର.ଅଙ୍କୁ ମଦିନା ପ୍ରବାସ କରିବା ନିମନ୍ତେ ଅନୁମତି ପ୍ରଦାନ କରିବେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-264-265, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍- 2002 ମସିହାରୁ ଉଦ୍ଧୃତ)**

ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରନ୍ତି ଯେ, ଅବୁଲ୍ ଆସ୍ କାରାମୁକ୍ତ ହେବା ପରେ ଯେତେବେଳେ ମକ୍କା ପହଞ୍ଚିଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ଜୈଦ୍ ବିନ୍ ହାରିସା ର.ଅ ଓ ଜଣେ ଅନସାରୀଙ୍କୁ ପ୍ରେରଣ କଲେ ଯେ, ତୁମେ ଦୁହେଁ ୟାଯଜ୍ ଭୂମିର ମଧ୍ୟ ଭାଗରେ ଅବସ୍ଥାନ କରିବ । (ୟାଯଜ୍ ଭୂମିର ମଧ୍ୟଭାଗ ମକ୍କା ଠାରୁ ଆଠ ମାଇଲ୍ ଦୂରତାରେ ଅବସ୍ଥିତ ଏକ ସ୍ଥାନର ନାମ ଅଟେ) ଏପର୍ଯ୍ୟନ୍ତକି ଜୈନବ୍ ତୁମ ନିକଟ ଦେଇ ଯେତେବେଳେ ଅତିକ୍ରମ କରିବେ ସେତେବେଳେ ତୁମେ ଜୈନବ୍ ସହିତ ମିଶିଯିବ ଏବଂ ଜୈନବ୍‌କୁ ଧରି ମୋ ପାଖକୁ ନେଇ ଆସିବ । ସୁତରାଂ ଜୈଦ୍ ବିନ୍ ହାରିସା ଓ ଅନ୍‌ସାରୀ ଜଣକ ତୁରନ୍ତ ବାହାରି ପଡ଼ିଲେ । ଉକ୍ତ ଘଟଣାଟି ପ୍ରାୟତଃ ବଦର୍ ଯୁଦ୍ଧ ପରେ ଏକ ମାସେ ପରେ ହୋଇଥିଲା ।

ଅବୁଲ୍ ଆସ୍ ମକ୍କା ପହଞ୍ଚି ହ. ଜୈନବ୍ ର.ଅଙ୍କୁ ଆପଣ ସ.ଅଙ୍କ ନିକଟକୁ ଯିବା ନିମନ୍ତେ ଅନୁମତି ପ୍ରଦାନ କରିଦେଲେ । ତେବେ ଜୈନବ୍ ର.ଅ ଯାତ୍ରା ମାର୍ଗ ନିମନ୍ତେ ପାଥେୟ ବା ଜିନିଷ ପତ୍ର ପ୍ରସ୍ତୁତ କରିବାକୁ ଲାଗିଲେ । ହ. ଜୈନବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଯାତ୍ରା ନିମନ୍ତେ ପାଥେୟ ପ୍ରସ୍ତୁତ କରିବାରେ ବ୍ୟସ୍ତ ଥିଲି କି ହିନ୍ଦ୍ ବିନ୍‌ତ୍ ଉତ୍‌ବା ମୋତେ କହିଲେ, ହେ ବିନ୍‌ତ୍ ମୁହମ୍ମଦ ସ.ଅ ! ମୁଁ ଜାଣିବାକୁ ପାଇଛି ଯେ, ତୁ ନିଜ ପିତାଶ୍ରୀଙ୍କ ନିକଟକୁ ଯିବାକୁ ଚାହୁଁଛୁ ? ତେବେ ମୁଁ ତା'କୁ ଅଣଦେଖା କରି ତା' କଥାକୁ ଟଳାଇ ଦେଲି । ଏକଥା ଶୁଣି ସେ କହିଲା, ହେ ବିନ୍‌ତ୍ ଅମ୍ ! ଏପରି ପନ୍ଥା ଅବଲମ୍ବନ କର ନାହିଁ । ଯଦି ତୁମକୁ ଜିନିଷ ପତ୍ରର ଆବଶ୍ୟକତା ରହିଛି ଯାହା ଯାତ୍ରାରେ ତୁମକୁ ସହାୟକ ହେବ କିମ୍ବା ତୁମକୁ ଯଦି ଅର୍ଥର ଆବଶ୍ୟକତା ରହିଛି ଯେଉଁ ଅର୍ଥ ମାଧ୍ୟମରେ ତୁମେ ନିଜର ପିତାଶ୍ରୀଙ୍କ ନିକଟକୁ ପହଞ୍ଚି ପାରିବ ତେବେ ମୋ ପାଖରେ ତୁମ ଆବଶ୍ୟକତାର ସମସ୍ତ ସାଧନ ବା ପାଥେୟ ମହଜୁଦ୍ ରହିଛି । ତେଣୁ ତୁମେ ମୋ ପ୍ରତି ଔଦାସୀନ ଏବଂ ନିରୁତ୍ସାହ ମନୋଭାବ ପୋଷଣ କର ନାହିଁ। ହୁଜୁର ଅନ୍‌ୱର୍ ଅ.ବଙ୍କ କହିଲେ, ମହିଳାମନଙ୍କ ମନରେ ସେହି ଦୁଃଖ ଏବଂ ବ୍ୟଥା ନଥାଏ ଯାହା ପୁରୁଷମାନଙ୍କ ମନରେ ରହିଥାଏ । ହ. ଜୈନବ୍ ର.ଅ କହିଲେ, ମୁଁ ଭାବୁଛି ଯେ, ସେ ଏହି କଥା ନିଷ୍ଠାପୂର୍ବକ କହିଥିଲା । କିନ୍ତୁ ମୁଁ ତା' ଠାରୁ ଭୟଭୀତ ଥିଲି । ଅତଏବ୍ ମୁଁ ତା' କଥାକୁ ଏଡ଼ାଇ ଦେଲି ଏବଂ ଅଣଦେଖା କରିଦେଲି ଓ ଆଳ କରିଦେଲି । ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରନ୍ତି ଯେ, ହ. ଜୈନବ୍ ର.ଅ ଯାତ୍ରା ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲେ । ସେ ଯେତେବେଳେ ନିଜର ଯାତ୍ରା ପ୍ରସ୍ତୁତିରୁ ମୁକ୍ତ ହୋଇଗଲେ ସେତେବେଳେ ଅବୁଲ୍ ଆସ୍‌ର ଭାଇ କିନାନା ବିନ୍ ରବିଏଇ ବାହାନ ଉପସ୍ଥାପିତ କଲା ।

ହ. ଜୈନବ୍ ର.ଅ ଉକ୍ତ ବାହାନ ଉପରେ ଆରୋହଣ ହୋଇଗଲେ ଏବଂ କିନାନା ନିଜର ତୀର ଓ କମାଣ ସାଙ୍ଗରେ ନେଲା ଏବଂ ହ. ଜୈନବ୍ ର.ଅଙ୍କୁ ଉଷାଲୋକରେ ଏହି ଅବସ୍ଥାରେ ନେଇ ବାହାରି ପଡ଼ିଲେ ଯେ, ହ. ଜୈନବ୍ ର.ଅ ନିଜର ପାଲିଙ୍କି ଭିତରେ ଥିଲେ । କୁରେଶ୍‌ମାନଙ୍କ ମଧ୍ୟରେ ଉକ୍ତ କଥାଟି ଅର୍ଥାତ୍ ହ. ଜୈନବ୍ ର.ଅଙ୍କ ପ୍ରସଙ୍ଗଟି ଯେତେବେଳେ ବିବାଦର କାରଣ ସାଜିଲା ସେତେବେଳେ ସେମାନେ ହ. ଜୈନବ୍ ର.ଅଙ୍କ ସନ୍ଧାନରେ ବାହାରି ପଡ଼ିଲେ ଏବଂ ଚାଲୁ ଚାଲୁ ଜି ତୁୱା ନାମକ ସ୍ଥାନରେ ତାଙ୍କୁ ଧରିନେଲେ । ଜି ତୁୱା ମଧ୍ୟ ମକ୍କାର ଏକ ବିଖ୍ୟାତ ଉପତ୍ୟକା ଅଟେ ଏବଂ ମସଜିଦେ ହରାମ୍ ଠାରୁ ଅଧ ମାଇଲ ଦୂରତାରେ ଅବସ୍ଥିତ ଅଟେ । ସେ ଯାହା ହେଉ କୁରେଶ୍‌ମାନଙ୍କ ପକ୍ଷରୁ ହବ୍‌ବାବ୍ ବିନ୍ ଅସ୍‌ୱଦ୍ ଫିହରୀ ଆସିଲା ଏବଂ ସେ ବର୍ଚ୍ଛା ଦ୍ୱାରା ବାହାନାକୁ ଘଉଡ଼ାଇଲେ । ହ. ଜୈନବ୍ ର.ଅ ଯେକି ଗର୍ଭବତୀ ଥିଲେ ତାଙ୍କର ଗର୍ଭ ନଷ୍ଟ ହୋଇଗଲା ଏବଂ ତାଙ୍କର ଦିଅର ତୀର କାଢ଼ି ବସିଗଲା ଏବଂ ସେ ଏହି ଘୋଷଣା କରିଦେଲା ଯେ, ଯେଉଁ ବ୍ୟକ୍ତି ମୋ ପାଖକୁ ଆସିବ ସେହି ବ୍ୟକ୍ତିକୁ ମୋ ତୀର ଲକ୍ଷ୍ୟ ଭେଦ କରିବ ।

ଏକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ହବ୍‌ବାବ୍ ଆରୋହଣକାରୀକୁ ବର୍ଚ୍ଛା ଗେଞ୍ଜିଦେଲା । ଫଳତଃ ହ. ଜୈନବ୍ ର.ଅ ଏକ ପଥର ଉପରେ ପଡ଼ିଗଲେ ଏବଂ ଆପଣ ର.ଅ ସେତେବେଳେ ଗର୍ଭବତୀ ଥିଲେ । ଏହିପରି ଭାବରେ ତାଙ୍କର ଗର୍ଭପାତ ହୋଇଗଲା । ସେ ଯାହା ହେଉ ଉକ୍ତ ଦୁର୍ଘଟଣାଟିକୁ ଦେଖି ଲୋକମାନ ତାଙ୍କ ନିକଟକୁ ଦଉଡ଼ି ଏବଂ ଫେରି ଆସିଲେ । ପୁନଶ୍ଚ ଅବୁ ସୁଫିୟାନ୍ ଏବଂ କୁରେଶର ଅଧିପତିମାନେ ଆସିଲେ, ସେମାନେ ହ. ଜୈନବ୍ ର.ଅଙ୍କ ଦିଅରକୁ କହିଲେ, ହେ ଯୁବକ ! ତୀର ଚଳାଅ ନାହିଁ । କାରଣ ଆମେମାନେ ତୁମ ସହିତ କଥାବାର୍ତ୍ତା କରିବାକୁ ଚାହୁଁଛୁ । ତେଣୁ ସେ ତୀର୍ ଚାଳନା କରିବାରୁ ଅଟକି ଗଲେ ଏବଂ ଅବୁ ସୁଫିୟାନ କହିଲା, ବସ୍ ! ତୁମେ ତୀର ଚାଳନା କରି ଠିକ୍ କଲ ନାହିଁ । ତୁମେ ଖୋଲମ ଖୋଲା ଜଣେ ମହିଳାକୁ ଧରି ବାହାରି ପଡ଼ିଛ ।

କିନ୍ତୁ ତୁମେ ଆମ ପ୍ରାଣ ପ୍ରତି ବିପଦ ଏବଂ ମୁହମ୍ମଦ ସ.ଅଙ୍କ କୃତ୍ୟକୁ ଖୁବ୍ ଭଲ ଭାବରେ ଜାଣିଛ । ଯେତେବେଳେ ତୁମେ ମୁହମ୍ମଦ ସ.ଅଙ୍କ ପୁତ୍ରୀକୁ ସ୍ପଷ୍ଟ ଏବଂ ସର୍ବସମ୍ମୁଖରେ ନେଇଯିବ ତାହାହେଲେ ଲୋକମାନେ ଭାବିବେ ଯେ, ଏହି ବ୍ୟକ୍ତି ଜଣକ ଆମମାନଙ୍କ ନିମନ୍ତେ ତିରସ୍କାରର କାରଣ ଅଟେ ଓ ଆମମାନଙ୍କର ଦୁର୍ବଳତାର କାରଣ ଅଟେ । ସେହି ଯୁବକ୍ ଜଣକ (ହ. ଜୈନବ୍ ର.ଅଙ୍କ ଦିଅର) କହିବାକୁ ଲାଗିଲା, ହେ କୁରେଶମାନେ ! ଆମମାନଙ୍କୁ ଜୈନବ୍ ର.ଅଙ୍କୁ ଅଟକାଇବାର କଦାପି କୌଣସି ଆବଶ୍ୟକତା ନଥିଲା ଏବଂ ଜୈନବ୍‌ଙ୍କ ବିରୁଦ୍ଧରେ କୌଣସି ଉତ୍ସାହ ମଧ୍ୟ ନାହିଁ । କିନ୍ତୁ ତୁମେ ଯଦି ମଙ୍ଗଳ ଓ କୁଶଳତା ଚାହୁଁଛ ତାହାହେଲେ ଜୈନବ୍‌ଙ୍କୁ ଧରି ଫେରିଚାଲ ।

ଯେତେବେଳେ ପରିସ୍ଥିତି ସାମାନ୍ୟ ଏବଂ ଶାନ୍ତମୟ ହୋଇଯିବ ଏବଂ ଲୋକମାନେ ଏହା ମନେ କରିବେ ଯେ, ଆମେମାନେ ଜୈନବ୍‌ଙ୍କୁ ଫେରାଇ ଆଣିଛୁ ସେତେବେଳେ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

ତୁମେ ଜୈନବ୍‌କୁ ଧରି ନିରବତାର ସହିତ ତା'ଙ୍କ ବାପ ଘରକୁ ନେଇଯିବ । ସୁତରାଂ କିନାନା କୁରୈଶ୍‌ମାନଙ୍କର ଉକ୍ତ ଯୋଜନା ଉପରେ କାର୍ଯ୍ୟାନୁସରଣ କଲା । ଇବ୍‌ନେ ଇସ୍‌ହାକଙ୍କ କଥନ ଅନୁଯାୟୀ ହ. ଜୈନବ୍ ଦୁଇ ଚାରି ଦିନ ମକ୍କାର ଅବସ୍ଥାନ କଲେ। ଏପର୍ଯ୍ୟନ୍ତକି ଯେତେବେଳେ ଲୋକମାନେ ପରସ୍ପର ମଧ୍ୟରେ ଗୁଣୁଗୁଣୁ ହୋଇ କଥାବାର୍ତ୍ତା କରିବା ବନ୍ଦ କରିଦେଲେ ସେତେବେଳେ ରାତ୍ର ସମୟରେ ଅତ୍ୟନ୍ତ ଧୀରସ୍ଥିର ଭାବରେ ହ. ଜୈନବ୍ ର.ଅଙ୍କୁ କୁରୈଶ୍‌ମାନେ ତାଙ୍କର ସାଥିମାନଙ୍କୁ ହସ୍ତାନ୍ତର କରିଦେଲେ । ସେମାନେ ହ. ଜୈନବ୍ ର.ଅଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ଘରକୁ ରାତ୍ରର ଅନ୍ଧକାରର ନେଇ ଆସିଲେ ।

ଇମାମ୍ ବହିକି ହ. ଆଏଶା ର.ଅଙ୍କୁ ହ. ଜୈନବ୍ ର.ଅଙ୍କ ମକ୍କାରୁ ଆସିବା ଘଟଣା ସଂପର୍କରେ ବର୍ଣ୍ଣନା କରି କହିଲେ, ରସୁଲୁଲ୍ଲାଃ ସ.ଅ ହ. ଜୈଦ୍ ବିନ୍ ହାରିସା ର.ଅଙ୍କୁ ନିଜର ମୁଦ୍ରିକା (ମୁଦି) ଦେଇ ମକ୍କା ପ୍ରେରଣ କରିଦେଲେ ଏବଂ ତାଙ୍କୁ କହିଲେ, ତୁମେ ଜୈନବ୍‌ଙ୍କୁ ସାଙ୍ଗରେ ଧରି ଚାଲି ଆସିବ । ସୁତରାଂ ଜୈଦ୍ ବିନ୍ ହରିସା ଅତ୍ୟନ୍ତ ବୁଦ୍ଧିମତା ଏବଂ ଚତୁରତାର ସହିତ ଏକ ପଶୁ ଚରାଳୀକୁ ଉକ୍ତ ମୁଦ୍ରିକା ଦେଇଦେଲେ ଏବଂ ସେହି ଚରାଳୀ ହ. ଜୈନବ୍‌ଙ୍କୁ ଉକ୍ତ ମୁଦ୍ରିକା ପହଞ୍ଚାଇଦେଲା । ହ. ଜୈନବ୍ ଉକ୍ତ ମୁଦିକୁ ଦେଖି ଚିହ୍ନି ପକାଇଲେ । ତେବେ ଆପଣ ର.ଅ ସେହି ଚରାଳୀକୁ ପଚାରିଲେ, ହେ ଚରାଳୀ ! ତୋତେ ଏହି ମୁଦି କିଏ ଦେଲା ? ସେ କହିଲା, ମକ୍କା ବାହାରେ ଜଣେ ବ୍ୟକ୍ତି ମୋତେ ଏହି ମୁଦି ଦେଇଛି । ସୁତରାଂ ଜୈନବ୍ ର.ଅ ରାତ୍ର ସମୟରେ ବାହାରୁ ଆସିଲେ ଏବଂ ତା' ପଛରେ ଆରୋହଣ ହୋଇଗଲେ ଏବଂ ଜୈଦ୍ ବିନ୍ ହାରସା ଜୈନବ୍ ର.ଅଙ୍କୁ ମଦିନା ନେଇ ଆସିଲେ ।

ରସୁଲୁଲ୍ଲାଃ ସ.ଅ କହୁଥିଲେ ଯେ, ମୋର ସମସ୍ତ କନ୍ୟାମାନଙ୍କ ମଧ୍ୟରୁ ସର୍ବୋତ୍ତମ କନ୍ୟା ହେଉଛନ୍ତି ଜୈନବ୍ । କାରଣ ଜୈନବ୍‌କୁ ମୋ ଯୋଗୁଁ କଷ୍ଟ ପହଞ୍ଚିଛି। **(ଅସ୍ ସିରତୁନ୍ ନବିୱିୟାହ୍ ସ.ଅ, ଲିଇବ୍‌ନି କସିର୍, ଭାଗ-2, ପୃ-516 -518, ଦାରୁଲ୍ ମାଆରିଫା ବୈରୁତ୍-1976 ମସିହା) (ଅସ୍ ସିରତୁନ୍ ନବିୱିୟାହ୍ ସ.ଅ, ଲିଇବ୍‌ନି ହିଶ୍ଶାମ୍, ପୃ-445, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହା) (ଜୀବନୀ ଶବ୍ଦକୋଷ, ପୃ-59 ଓ 180, ପ୍ରକାଶନ ସ୍ଥାନ-ଜୱାର୍ ଏକାଡ଼େମୀ, କରାଚୀ, ପାକିସ୍ତାନ)**

ହ. ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ସାହେବ ର.ଅ ସିରତ୍ ଖାତମୁନ୍ ନବୀୟିନ୍‌ରେ ଏହିପରି ବିସ୍ତୃତ ବିବରଣୀ ଉଲ୍ଲେଖ କରିଛନ୍ତି ଯେ, ଆଁହଜରତ ସ.ଅ ନଗଦ୍ ଫିଦିୟା ବଦଳରେ ଅବୁଲ୍ ଆସ୍ ସହିତ ଏହି ସର୍ତ୍ତ କଲେ ଯେ, ସେ ମକ୍କାକୁ ଯାଇ ଜୈନବ୍‌ଙ୍କୁ ମଦିନା ପ୍ରେରଣ କରିଦେବ ଏବଂ ଏହିପରି ଭାବରେ ଜଣେ ବିଶ୍ୱାସକାରୀର ଆତ୍ମା (ପ୍ରାଣ) ଅବିଶ୍ୱାସକାରୀ କବଳରୁ ଉଦ୍ଧାର ପାଇଗଲା ଏବଂ ମୁକ୍ତି ମିଳିଗଲା । କିଛି କାଳ ଗଲେ ପରେ ଅବୁଲ୍ ଆସ୍ ମଧ୍ୟ ମୁସଲମାନ ହୋଇ ମଦିନା ପ୍ରବାସ କରି ଚାଲି ଆସିଲେ । ଏହିପରି ଭାବରେ ସ୍ୱାମୀ ସ୍ତ୍ରୀ ପୁଣିଥରେ ଏକାଠୀ ହୋଇଗଲେ । ହ. ଜୈନବ୍ ର.ଅଙ୍କ ପ୍ରବାସ ସଂକ୍ରାନ୍ତରେ ଏହି ବର୍ଣ୍ଣନା ମିଳେ ଯେ, ଯେତେବେଳେ ହ. ଜୈନବ୍ ର.ଅ ମଦିନା ଆସିଲେ ମକ୍କାରୁ ବାହାରିଲେ ସେତେବେଳେ ମକ୍କାର କେତେକ କୁରୈଶ୍‌ମାନେ ତାଙ୍କୁ ଫେରାଇ ନେବାକୁ ଚାହିଁଲେ । ସେମାନେ ଯେତେବେଳେ ପ୍ରତ୍ୟାଖ୍ୟାନ କଲେ ସେତେବେଳେ ହବ୍‌ବାବ୍ ବିନ୍ ଅସ୍‌ୱଦ୍ ନାମକ ଜଣେ ହତଭାଗ୍ୟ ବ୍ୟକ୍ତି ଅତ୍ୟନ୍ତ ନୃଶଂସନୀୟ ଶୈଳୀରେ ତାଙ୍କ ଉପରେ ବର୍ଚ୍ଛା ଦ୍ୱାରା ଆକ୍ରମଣ କରିଦେଲା । ଏହି ଆକ୍ରମଣକୁ ଦେଖି ହ. ଜୈନବ୍ ଭୟଭୀତ ଓ ଡ଼ରିଗଲେ ଫଳତଃ ଆପଣ ର.ଅଙ୍କର ଗର୍ଭପାତ ହୋଇଗଲା । କେବଳ ସେତିକି ନୁହେଁ ବରଂ ଇତ୍ୟବସରରେ ହ. ଜୈନବ୍ ର.ଅଙ୍କୁ ଏପରି ମାନସିକ ଆଘାତ ଲାଗିଲା ଯେ, ଏହି ଘଟଣା ଓ ଗର୍ଭପାତ ହେବା ପରେ ତାଙ୍କର୍ ସ୍ୱାସ୍ଥ୍ୟାବସ୍ଥା ସଂପୂର୍ଣ୍ଣ ରୂପେ ବିଗିଡ଼ି ଗଲା ଏବଂ ସେ ଆଉ ସୁସ୍ଥ ହୋଇପାରିଲେ ନାହିଁ ଓ ପରିଶେଷରେ ସେହି ଦୁର୍ବଳତା ଅବସ୍ଥାରେ ହିଁ ତାଙ୍କର ଅକାଳ ବିୟୋଗ ହୋଇଗଲା । (ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ସାହେବ୍‌ଜାଦା ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବ ଏମ.ଏ. ର.ଅ, ପୃ-364-369)

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଏହି ଘଟଣାଟିକୁ ଏତିକି ହିଁ ବର୍ଣ୍ଣନା କରିବି(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ସାହେବ୍‌ଜାଦା ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବ ଏମ.ଏ. ର.ଅ, ପୃ-430-432)

ଆଜିକାଲି ସଂସାରର ଯେଉଁ ପରିସ୍ଥିତି ରହିଛି ତତସଂକ୍ରାନ୍ତରେ ମୁଁ ବର୍ତ୍ତମାନ ଆପଣମାନଙ୍କୁ ଦୁଆ କରିବା ନିମନ୍ତେ ମଧ୍ୟ କହିଦେବାକୁ ଚାହୁଁଛି । ବିଗତ ଅନେକ ଦିନ ହେଲା ହମାସ୍ ଏବଂ ଇସ୍ରାଇଲ୍ ମଧ୍ୟରେ ଯୁଦ୍ଧ ଲାଗି ରହିଛି । ଯଦ୍ଦ୍ୱାରାକି ଉଭୟ ପକ୍ଷର ସାଧାରଣ ମହିଳା ଓ ନାଗରିକମାନେ, ଆବାଳ ବୃଦ୍ଧ ବନୀତା ପୋକ ମାଛିଙ୍କ ପରି ମୃତ୍ୟୁବରଣ କରୁଛନ୍ତି କିମ୍ବା ସେମାନଙ୍କୁ ମାରି ଦିଆଯାଇଛି । ଇସ୍‌ଲାମ୍ ଧର୍ମ ତ' ଯୁଦ୍ଧ ପରିସ୍ଥିତିରେ ମଧ୍ୟ ମହିଳା ଏବଂ ପିଲାମାନଙ୍କୁ କୌଣସି ପ୍ରକାରେ ଭାଗ ନେଇ ନଥିବା ଲୋକମାନଙ୍କୁ ସଂହାର କରିବା ପାଇଁ ଅନୁମତି ପ୍ରଦାନ କରି ନାହିଁ। ଆଁହଜରତ ସ.ଅ ଉକ୍ତ କଥାର ଅତ୍ୟନ୍ତ କଠୋରତାର ସହିତ ନିର୍ଦ୍ଦେଶ ଦେଇଛନ୍ତି । **(ସୁନନ୍ ଅବି ଦାଉଦ୍, କିତାବୁଲ୍ ଜିହାଦ୍, ବାବ୍- ଫି ଦୁଆଇଲ ମୁସ୍‌ରିକିନ୍, ହଦିସ୍ ନଂ-2614)**

ସଂସାରବାସୀ ଏହା କହୁଛନ୍ତି ଏବଂ ସତ୍ୟତା ମଧ୍ୟ ଏପରି ରହିଛି ଯେ, ଉକ୍ତ ଯୁଦ୍ଧରେ ପ୍ରଥମେ ହମାସ୍ ଏବଂ ଇସ୍ରାଇଲୀୟ ନାଗରିକମାନଙ୍କୁ ବାଛ ବିଚାର ନକରି ହତ୍ୟା କରିଛନ୍ତି । ଏହା କହିବା ଯେ, ଇସ୍ରାଇଲୀୟ ସେନା ଏପରି ଅନେକ ନିର୍ଦ୍ଦୋଷ ଏବଂ ନିରୀହ ପାଲେଷ୍ଟାଇନ୍‌ବାସୀଙ୍କୁ ଶହୀଦ୍ କରି ଆସିଛି । ମୁସଲମାନମାନଙ୍କୁ ପ୍ରତ୍ୟେକ ପରିସ୍ଥିତିରେ ଇସଲାମୀୟ ଶିକ୍ଷା ଅନୁଯାୟୀ କାର୍ଯ୍ୟାନୁସରଣ କରିବା ଉଚିତ୍ । ଇସ୍ରାଇଲୀୟ ସେନା ଯାହା କରିଛି ତାହା ତାଙ୍କର ନିଜସ୍ୱ କୃତ୍ୟ ଅଟେ ଏବଂ ଏହାର ସମାଧାନ କରିବାର ଆହୁରି ଅନେକ ପନ୍ଥା ରହିଛି ।

ଯଦି ବୈଧ ଯୁଦ୍ଧ ରହିଛି ତେବେ ସେନା ବ୍ୟବହାର କରାଯାଇ ପାରିବ, ମହିଳାମାନଙ୍କ ଠାରୁ, ଛୋଟ ଛୋଟ ପିଲାମାନଙ୍କ ଠାରୁ ଏବଂ ଅନିଷ୍ଟକାରୀମାନଙ୍କ ଠାରୁ ସେନାକୁ କୌଣସି କ୍ଷତି ପହଞ୍ଚିବ ନାହିଁ । ସେ ଯାହା ହେଉ ନା କାହିଁକି ଏହି ଦୃଷ୍ଟିରୁ ହମାସ ଯେଉଁ ପଦକ୍ଷେପ ଗ୍ରହଣ କରିଥିଲା ତାହା ଭୁଲ୍ ଓ ନିନ୍ଦନୀୟ ଥିଲା । ଏହାର କ୍ଷତି ଅଧିକ ଏବଂ ଲାଭ କମ୍ ହେଲା । ଏହାର ପରିଣାମ ଏବଂ ଏହା ଦ୍ୱାରା ହମାସ୍ ପର୍ଯ୍ୟନ୍ତ ଯୁଦ୍ଧ ସୀମିତ ରହିବାର ଥିଲା । ପ୍ରକୃତ ସାହସିକତା ତ' ଏହାଥିଲା ଯେ, ପ୍ରତିକ୍ରିୟା ହୋଇଥାଆନ୍ତା । କିନ୍ତୁ ବର୍ତ୍ତମାନ ଇସ୍ରାଇଲ୍‌ର ସରକାର ଯାହା କରୁଛି ତାହା ମଧ୍ୟ ଅତି ଭୟଙ୍କର ଅଟେ । ଏହି ପ୍ରସଙ୍ଗଟି ବର୍ତ୍ତମାନ ଏପରି ପ୍ରତିତ ହେଉଛି ଯେ, ଏହା ଆଉ ଥମିବ ନାହିଁ । ଅସଂଖ୍ୟ ନିରୀହ ଲୋକମାନେ, ମହିଳାମାନେ, ଛୋଟ ପିଲାମାନଙ୍କର ଜୀବନ ଯିବ ଏହା ସଂପର୍କରେ କଳନା କରାଯାଇପିରିବ ନାହିଁ । ଇସ୍ରାଇଲୀୟ ସରକାର ଏହି ଘୋଷଣା କରିଥିଲା ଯେ, ଆମେ ଗଜ୍‌ୱାହକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିଦେବୁ । ଏଥିପାଇଁ ଇସ୍ରାଇଲ୍ ସେନା ଅସଂଖ୍ୟା ବୋମା ମଧ୍ୟ ବର୍ଷଣ କରିଥିଲା । ଗାଜା ସହରକୁ ପାଉଁଶ ସ୍ତୂପ କରିଦେଲା। ବର୍ତ୍ତମାନ ନୂତନ ପରିସ୍ଥିତି ଏହା ଉତ୍ପନ୍ନ ହୋଇଛି ଯେ, ଇସ୍ରାଇଲ୍ କହୁଛି ଯେ, ଏକ ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନେ ଗାଜାରୁ ବାହାରି ଯାଆନ୍ତୁ । ତେଣୁ ସେହି ସହରରୁ କିଛି ଲୋକ ବାହାରିବା ଆରମ୍ଭ ହୋଇଛନ୍ତି। ଉକ୍ତ ଅତ୍ୟାଚାରକୁ ଦେଖି ମୃଦୁ ସ୍ୱରରେ ୟୁ.ଏନ୍ (U.N)ପକ୍ଷରୁ ସ୍ୱରୋତ୍ତଳ ହୋଇଛି ଯେ, ଏହି ଅତ୍ୟାଚାର ମାନବାଧିକାର ହନନ କରୁଛି ଏପରି କରିବା ଆଦୌ ଠିକ୍ ନୁହେଁ । ଏହା ଦ୍ୱାରା ଅନେକ ସମସ୍ୟା ଉତ୍ପନ୍ନ ହେବ ଓ ଇସ୍ରାଇଲ୍‌କୁ ନିଜର ସେହି ଆଦେଶ ଉପରେ ପୁନର୍ବିଚାର କରିବା ଉଚିତ୍ । ତେଣୁ ୟୁ.ଏନ୍ କଠୋରତାପୂର୍ବକ ଇସ୍ରାଇଲ୍‌କୁ ଏହା କହୁ କି ଏପରି କୃତ୍ୟ ଅତ୍ୟନ୍ତ ଘୃଣ୍ୟ ଏବଂ ଭୁଲ୍ ଅଟେ । ଏବେ ବି ଇସ୍ରାଇଲ୍‌କୁ କୁହାଯାଉଛି ଯେ, ଯୁଦ୍ଧ କର ନାହିଁ ।

ସେ ଯାହା ହେଉ ନା କାହିଁକି ଯେଉଁମାନେ ଯୁଦ୍ଧ କରୁ ନାହାନ୍ତି ସେହି ନିରୀହ ତଥା ନିର୍ଦ୍ଦୋଷ ଲୋକମାନଙ୍କର କୌଣସି ଦୋଷ ନାହିଁ । ସଂସାରବାସୀମାନେ ଯଦି ଇସ୍ରାଇଲୀୟ ମହିଳା ଏବଂ ପିଲମାନଙ୍କୁ ସାଧାରଣ ନାଗରିକ ବୋଲି ମନେକରୁଛନ୍ତି ତେବେ ଏହି ପାଲେଷ୍ଟାଇନ୍‌ବାସୀମାନେ ମଧ୍ୟ ନିରୀହ ଏବଂ ନିର୍ଦ୍ଦୋଷ ଅଟନ୍ତି । ମୁସଲମାନମାନଙ୍କ ଉପରେ ଯଦି ଦୋଷାରୋପଣ କରାଯାଏ ଯେ, ସେମାନେ ଭୁଲ୍ କରିଛନ୍ତି ତେବେ ଏହି ଇସ୍ରାଇଲ୍ ମଧ୍ୟ ନିଜ ଗ୍ରୀବାକୁ ମଧ୍ୟ ଉଣ୍ଡି ଦେଖିବା ଉଚିତ୍ । ସେ ଯାହା ହେଉ ଆମମାନଙ୍କୁ ଅତ୍ୟଧିକ ଦୁଆ କରିବାରା ଆବଶ୍ୟକତା ରହିଛି ।

ପାଲେଷ୍ଟାଇନ୍‌ର ରାଜଦୂତ ବି.ବି.ସିକୁ ଏକ ସାକ୍ଷାତ୍‌କାର ଦେଇଛନ୍ତି ଏବଂ ପ୍ରଶ୍ନକର୍ତ୍ତାଙ୍କ ଉତ୍ତରରେ କହିଲେ, ହମାସ୍ ଏକ ମିଲିଟାଣ୍ଟ (Militant) ଆତଙ୍କବାଦୀ ସଂଗଠନ ଅଟେ, ସରକାର ନୁହେଁ । ପାଲେଷ୍ଟାଇନ୍‌ର ସରକାରଙ୍କର ଏହି ଗୋଷ୍ଠୀ ସହିତ କୌଣସି ସଂପର୍କ ନାହିଁ । କିନ୍ତୁ ସାମ୍ବାଦିକ ଜଣକ ଏକି ପ୍ରଶ୍ନ ମଧ୍ୟ ପଚାରିଲେ ଯେ, ତାଙ୍କର ଏହି କଥା ମଧ୍ୟ ଠିକ୍ ଅଟେ ଯେ, ଯଦି ପ୍ରକୃତ ନ୍ୟାୟ ସ୍ଥାପନ କରା ଯାଇଥାଆନ୍ତା ତେବେ ଏପରି ଘଟଣା ହୋଇ ନଥାଆନ୍ତା । ଯଦି ବୃହତ୍‌ଶକ୍ତି ନିଜର ଦୋହରା ନୀତି ନପୋଷଣ କରିଥାଆନ୍ତା ତେବେ ଏହି ପ୍ରକାରର ଅଶାନ୍ତି ଏବଂ ଯୁଦ୍ଧ ପୃଥିବୀରେ ହୋଇପାରିବ ନାହିଁ । ସୁତରାଂ ଏହି ଦୋହରା ନୀତିକୁ ସମାପ୍ତ


### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

କରନ୍ତି ତେବେ ଆପେ ଆପେ ଯୁଦ୍ଧ ଥମିଯିବ । ହୁଜୁର ଅନ୍‌ୱର ଅ.ବ କହିଲେ, ଉପରୋକ୍ତ ସମସ୍ତ ପ୍ରସଙ୍ଗ ମୁଁ ଇସ୍‌ଲାମୀୟ ଶିକ୍ଷାର ପ୍ରକାଶରେ ଦୀର୍ଘ କାଳ ଧରି କହି ଆସୁଛି। କିନ୍ତୁ ଏହି ବୃହତ୍‌ଶକ୍ତିମାନେ ସମ୍ମୁଖରେ ତ' ଏହା କହୁଛନ୍ତି ଯେ, ଆପଣ ଯାହା କହୁଛନ୍ତି ତାହା ଠିକ୍ ଅଛି । କିନ୍ତୁ ସେମାନେ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ପ୍ରସ୍ତୁତ ନୁହନ୍ତି ।

ବର୍ତ୍ତମାନେ ସମସ୍ତ ବୃହତ୍‌ଶକ୍ତି କିମ୍ବା ପାଶ୍ଚାତ୍ୟ ଶକ୍ତିମାନେ ନ୍ୟାୟକୁ ଏକ ପାର୍ଶ୍ୱରେ ଫିଙ୍ଗି ଦେଇ ପାଲେଷ୍ଟାଇନ୍‌ବାସୀଙ୍କ ଉପରେ ଅକଥନୀୟ ଅନ୍ୟାୟ ଓ ଅତ୍ୟାଚାର କରିବା ନିମନ୍ତେ ଏକତ୍ରିତ ହେଉଛନ୍ତି । ପ୍ରତ୍ୟେକ ପକ୍ଷରୁ ସୈନ୍ୟ ପ୍ରେରଣ କରିବା ସଂକ୍ରାନ୍ତରେ କଥା ଜୋର ଧରିଛି ଏବଂ ନିଷ୍ପେଷିତମାନଙ୍କର ଚିତ୍ର ପ୍ରଦର୍ଶନ କରାଯାଇଥାଏ ଯେ, ହେଇ ଦେଖ ଏହିପରି ଅତ୍ୟାଚାର ହେଉଛି । ଏଣୁ ତେଣୁ ଭୁଲ୍ ରିପୋର୍ଟ ଗଣମାଧ୍ୟମରେ ପ୍ରସାରଣ କରାଯାଉଛି ।  ଗୋଟିଏ ଦିନ ଗଣ ମାଧ୍ୟମରେ ଏହି ଖବର ପ୍ରସାରିତ ହେଉଛି ଯେ, ଇସ୍ରାଇଲୀୟ ମହିଳାମାନଙ୍କ ଉପରେ ଏବଂ ପିଲାମାନଙ୍କର ଏହି ପରିଣାମ ହୋଇଛି ଏବଂ ସେମାନଙ୍କର ଏତାଦୃଶ ଦୁରାବସ୍ଥା ହେଉଅଛି । ପରବର୍ତ୍ତୀ ଦିନ ଜଣା ପଡୁଛି ଯେ, ସେହି ମହିଳାମାନେ ଇସ୍ରାଇଲୀୟ ନୁହନ୍ତି ବରଂ ସେମାନେ ପାଲେଷ୍ଟାଇନ୍ ମହିଳା ନାଗରିକ ଥିଲେ । କିନ୍ତୁ ଏହି ଭୁଲ୍ ଖବର ପ୍ରସାରଣ ଯୋଗୁଁ ଗଣମାଧ୍ୟମ କ୍ଷମା ମାଗୁ ନାହାନ୍ତି ଏବଂ କୌଣସି ସହାନୁଭୂତିର ଶବ୍ଦ ନିଷ୍ପେଷିତମାନଙ୍କ ନିମନ୍ତେ ବ୍ୟବାହର କରାଯାଉ ନାହିଁ ।

ଏହି ଲୋକମାନେ ଯାର ଲାଠି ତା'ରି ମଇଁଷି (ଓଡ଼ିଆ ପ୍ରବାଦ- ଜୋର ଯାର ମୁଲକ ତାର) ଆପ୍ତ ବାକ୍ୟ ଉପରେ କାର୍ଯ୍ୟାନୁସରଣ କରିଥାଆନ୍ତି । ଏହି ଲୋକମାନଙ୍କ ହସ୍ତରେ ସଂସାରର ଅର୍ଥନୀତି ରହିଛି । ସେହି ଅର୍ଥନୀତି ଆଗରେ ହିଁ ସେମାନେ ନତମସ୍ତକ ହେବେ । ଯଦି  ସମୀକ୍ଷା କରାଯାଏ ତେବେ ଜ୍ଞାତ ହେଉଛି ଯେ, ବୃହତ୍ ଶକ୍ତି ଯୁଦ୍ଧକୁ ପ୍ରଶମିତ କରିବା ବଦଳରେ ଯୁଦ୍ଧକୁ ଉସ୍‌କାଇବା ପାଇଁ ବ୍ୟଗ୍ର ଓ ତତ୍ପର ଅଟନ୍ତି । ଏହି ବୃହତ୍ ଶକ୍ତିମାନେ ଯୁଦ୍ଧ ସମାପ୍ତ କରିବାକୁ ଚାହାନ୍ତି ନାହିଁ ।

ପ୍ରଥମ ବିଶ୍ୱଯୁଦ୍ଧ ପରେ ଯୁଦ୍ଧ ସମାପ୍ତ କରିବା ନିମନ୍ତେ ବୃହତ୍ ଶକ୍ତିମାନେ ଲିଗ୍ ଅଫ୍ ନେସନ୍‌ସ୍ ନାମକ ଏକ ସଂଘ ସ୍ଥାପନ କରିଲେ । କିନ୍ତୁ ନ୍ୟାୟ ଯାହା ଚାହୁଁଛି ତାହାକୁ ପୂର୍ଣ୍ଣ ନକରିବା ଏବଂ ନିଜର ଶ୍ରେଷ୍ଠତାକୁ ବଜାୟ ରଖିବା ହେତୁ ଏହି ଲିଗ୍ ବା ସଂଘ ଅସଫଳ ଅକ୍ଷମ ହୋଇଗଲା ଏବଂ ଫଳତଃ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ହେଲା । କୁହାଯାଏ ଯେ, ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ 7 କୋଟିରୁ ଊର୍ଦ୍ଧ୍ୱ ଲୋକମାନଙ୍କର ପ୍ରାଣହାନୀ ହୋଇଥିଲା । ବର୍ତ୍ତମାନ ସମାନ ସ୍ଥିତି U.Nର ହୋଇଛି । ୟୁ.ଏନ୍ ଏଇଥି ପାଇଁ ସ୍ଥାପନ କରାଯାଇଥିଲା ଯେ, ପୃଥିବୀରେ ନ୍ୟାୟ ସ୍ଥାପନ କରାଯାଉ ଏବଂ ଅତ୍ୟାଚାରିତ ଓ ନିଷ୍ପେଷିତମାନଙ୍କୁ ସାହାଯ୍ୟ କରାଯାଉ, ଯୁଦ୍ଧ ସମାପ୍ତି ନିମନ୍ତେ ଉଦ୍ୟମ କରାଯିବ । କିନ୍ତୁ ସେହି କଥାଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା ତ' ଦୂରର କଥା ପ୍ରତ୍ୟେକ ରାଷ୍ଟ୍ର ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ସାଧନ କରିବା ସକାଶେ ଅଭିପ୍ରେତ ଅଟେ । ବର୍ତ୍ତମାନ ଏହି ଅନ୍ୟାୟ ଯୋଗୁଁ ଯେଉଁ ଯୁଦ୍ଧ ହେବ ସେହି କ୍ଷତିର ଆକଳନ ଜଣେ ସାଧାରଣ ବ୍ୟକ୍ତି କରିପାରିବ ନାହିଁ ଏବଂ ଏସବୁ କଥା ବୃହତ୍ ଶକ୍ତିକୁ ଜଣା ଯେ, କେତେ ବ୍ୟାପକ କ୍ଷୟକ୍ଷତି ହେବ । କିନ୍ତୁ ତଥାପି ନ୍ୟାୟ ସ୍ଥାପନ କରିବା ପ୍ରତି କୌଣସି ଧ୍ୟାନ ନାହିଁ ଏବଂ ଧ୍ୟାନ ଦେବା ପ୍ରତି ମଧ୍ୟ ପ୍ରସ୍ତୁତ ନୁହନ୍ତି ।

ଏପରି ଉତ୍କଟ ପରିସ୍ଥିତିରେ ମୁସଲମାନ ରାଷ୍ଟ୍ରମାନଙ୍କୁ ଅନ୍ତତଃ ସତର୍କ ହୋଇଯିବା ଉଚିତ୍ । ମୁସଲମାନ ରାଷ୍ଟ୍ରମାନେ ନିଜର ପାରସ୍ପାରିକ ମତଭେଦକୁ ସମାପ୍ତ କରି ପରସ୍ପର ମଧ୍ୟରେ ଏକତା ସ୍ଥାପନ କରିବା ଉଚିତ୍ । ଅଲ୍ଲାଃତାଲା ମୁସଲମାନମାନଙ୍କୁ ଗ୍ରନ୍ଥଧାରୀମାନଙ୍କ ସହିତ ସୁସଂପର୍କ ସ୍ଥାପନ କରିବା ନିମନ୍ତେ ଆଦେଶ ଦେଇଛନ୍ତି ଯେ, تَعَالَوْا إِلَىٰ كَلِمَةٍ سَوَاءٍ بَيْنَنَا وَبَيْنَكُمْ **(ଆଲେ ଇମ୍ରାନ୍:65)**ଅର୍ଥାତ୍ ହେ ଗ୍ରନ୍ଥଧାରୀମାନେ ତୁମେମାନେ ଅନ୍ତତଃ ଏପରି ଏକ ପନ୍ଥା ଅବଲମ୍ବନ କର ଯାହା ଆମମାନଙ୍କ ମଧ୍ୟରେ ଏବଂ ତୁମମାନଙ୍କ ମଧ୍ୟରେ ସମାନ ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଯଦି ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ ଏକ ଅଟେ ଏବଂ ମୁସଲମାନମାନେ ଯେଉଁମାନଙ୍କର କଲମା (ପବିତ୍ର ବାକ୍ୟ) ସଂପୂର୍ଣ୍ଣ ରୂପେ ଏକ ଅଟେ ତେବେ ମୁସଲମାନମାନେ କାହିଁକି ନିଜ ମଧ୍ୟରେ  ଥିବା ମତଭେଦକୁ ସମାପ୍ତ କରି ଏକତ୍ରିତ ହୋଇପାରୁ ନାହାନ୍ତି ? ସୁତରାଂ ଭାବନ୍ତୁ ଏବଂ ନିଜର ଏକତାକୁ ସ୍ଥାପନ କରନ୍ତୁ । ଏହି ସଂସାରରୁ ଉପଦ୍ରବ ଏବଂ ହିଂସାକୁ ଦୂର କରିବାର ଏକମାତ୍ର ମାଧ୍ୟମ ହୋଇପାରିବ ଏବଂ ପୁନଶ୍ଚ ଏକ ହୋଇ ନ୍ୟାୟର ଆଶାକୁ ପୂର୍ଣ୍ଣ କରିବା ନିମନ୍ତେ ପ୍ରତ୍ୟେକ ସ୍ତରରେ ନିଷ୍ପେଷିତ ତଥା ଅତ୍ୟାଚିରତଙ୍କର ଅଧିକାରକୁ ସ୍ଥାପନ କରିବା ନିମନ୍ତେ ଆପ୍ରାଣ ସ୍ୱରୋତ୍ତଳନ କରନ୍ତୁ ।  ସମସ୍ତେ ଯଦି ଏକ ହୋଇଯିବେ, ସମସ୍ତଙ୍କ ମଧ୍ୟରେ ଯଦି ଐକ୍ୟ ମନୋଭାବ ଉଦ୍ରେକ ହେବ ତେବେ ସ୍ୱରରେ ମଧ୍ୟ ଶକ୍ତି ହେବ । ଅନ୍ୟଥା ନିରୀହ ମୁସଲମନମାନଙ୍କର ପ୍ରାଣ ହାନୀ ହେବାର ଏହି ଲୋକମାନେ ହିଁ ଦାୟି ରହିବେ, ମୁସଲମାନ ରାଷ୍ଟ୍ରମାନେ ଦାୟି ରହିବେ । ଆଁହଜରତ ସ.ଅଙ୍କ ଆଦେଶାବଳୀକୁ ସର୍ବଦା ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ ଏବଂ ଏହା ସେହି ଶକ୍ତିମାନଙ୍କର କର୍ତ୍ତବ୍ୟ ଯେ, ସେମାନେ ଉପରୋକ୍ତ କଥାକୁ ଦୃଷ୍ଟି ସମ୍ମୁଖରେ ରଖନ୍ତୁ। ଅତ୍ୟାଚାରୀ, ଅତ୍ୟାଚାରୀତ ଉଭୟଙ୍କୁ ସାହାଯ୍ୟ କର । **(ସହି ବୁଖାରୀ, କିତାବୁଲ୍ ମଜାଲିମି, بَابُ أَعِنْ أَخَاكَ ظَالِمًا أَوْ مَظْلُومًا ହଦିସ୍ ନଂ-2443)**

ସୁତରାଂ ମୁଖ୍ୟ ଏବଂ ଗୁରୁତ୍ୱପୂରଣ୍ତ ପ୍ରସଙ୍ଗକୁ ବୁଝନ୍ତୁ । ଅଲ୍ଲାଃତାଲା ମୁସଲମାନ ରାଷ୍ଟ୍ରମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ଦିଅନ୍ତୁ, ସେମାନେ ସମସ୍ତେ ଏକ ହୋଇ ନ୍ୟାୟକୁ ସ୍ଥାପନକାରୀ ବ୍ୟକ୍ତିର ପରିଗଣିତ ହୁଅନ୍ତୁ ଏବଂ ଅଲ୍ଲାଃତାଲା ସଂସାର ବୃହତ୍ ଶକ୍ତିମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ଏବଂ ବିବେକ ପ୍ରଦାନ କରନ୍ତୁ ଯେ, ସେମାନେ ପୃଥିବୀକୁ ଧ୍ୱଂସ ଗର୍ତ୍ତରେ ପକାଇବା ପରିବର୍ତ୍ତେ ପୃଥିବୀକୁ ଧ୍ୱଂସମୁଖରୁ ଉଦ୍ଧାର କରିବା ନିମନ୍ତେ ଉଦ୍ୟମ କରନ୍ତୁ ଏବଂ ସେମାନେ ନିଜର ଅହଂ ଓ ଆତ୍ମ ବଡ଼ିମା ଜନିତ ଆନନ୍ଦକୁ ନିଜ ଜୀବନର ଅଭିପ୍ରାୟ ରୂପେ ବରଣ ନକରନ୍ତୁ । ସର୍ବଦା ସେମାନଙ୍କୁ ଏକଥା ସ୍ମରଣ ରଖିବା ଉ଼ଚିତ୍ ଯେ, ଯେତେବେଳେ ଧ୍ୱଂସ ହେବ ସେତେବେଳେ ଏହି ଶକ୍ତିମାନେ ମଧ୍ୟ ସୁରକ୍ଷିତ ରହିବେ ନାହିଁ । ସେ ଯାହା ହେଉ ଆମ ନିକଟରେ କେବଳ ଏକମାତ୍ର ଅସ୍ତ୍ର ହେଉଛି ଦୁଆ ଯାହାକୁ ପ୍ରତ୍ୟେକ ଅହେମଦି ପୂର୍ବାପେକ୍ଷା ଅଧିକ ବ୍ୟବହାର କରିବା ଉଚିତ୍ ।

ଗାଜାରେ କେତେକ ଅହେମଦି ଘର ମଧ୍ୟ ରହିଛି । ଅଲ୍ଲାଃତାଲା ସେହି ସମସ୍ତ ଅହେମଦିମାନଙ୍କୁ ସୁରକ୍ଷିତ ରଖନ୍ତୁ ଏବଂ ସମସ୍ତ ନିରୀହ ନିଷ୍ପେଷିତମାନଙ୍କୁ ଯେଉଁଠି ବି ସେମାନେ ଅଛନ୍ତି ସମସ୍ତଙ୍କୁ ଅଲ୍ଲାଃତାଲା ନିରାପଦ ଓ ସୁରକ୍ଷିତ ରଖନ୍ତୁ। ଅଲ୍ଲାଃତାଲା ହମାସ୍‌କୁ ମଧ୍ୟ ସଦ୍‌ବୁଦ୍ଧି ଦିଅନ୍ତୁ । ଏହି ଲୋକମାନେ ସ୍ୱୟଂ ନିଜ ଲୋକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପାଇଁ ଦାୟି ଅଟନ୍ତି । ତେଣୁ ହମାସ୍‌କୁ ଅଲ୍ଲାଃତାଲା ସ୍‌ଦବୁଦ୍ଧି ଦିଅନ୍ତୁ କି ସେମାନେ ନିଜ ଲୋକେମାନଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର ପାଇଁ ଦାୟି ହୁଅନ୍ତୁ ନାହିଁ ଓ ନା ହିଁ କୌଣସି ବ୍ୟକ୍ତି ଉପରେ ଅତ୍ୟାଚାର କରନ୍ତୁ । ଇସ୍‌ଲାମୀୟ ଶିକ୍ଷାନୁଯାୟୀ ଯଦି ଯୁଦ୍ଧ କରିବାକୁ ଚାହଉଁଛନ୍ତି ତେବେ ଉପରୋକ୍ତ ପନ୍ଥା ଅର୍ଥା କେବଳ ଉଭୟ ପକ୍ଷର ସେନା ହିଁ ଯୁଦ୍ଧ କରନ୍ତୁ ସାଧାରଣ ଓ ନିରୀହ ନାଗରିକଙ୍କୁ ହତ୍ୟା କରନ୍ତୁ ନାହିଁ । କୌଣସି ଜାତିର ଶତ୍ରୁତା ଯେପରି ଆମମାନଙ୍କୁ ନ୍ୟାୟ ଠାରୁ ଦୂରେଇ ନଦେଉ। ଏହା ଅଲ୍ଲାଃତାଲାଙ୍କର ଆଦେଶ ରହିଛି । ଅଲ୍ଲାଃତାଲା ବଡ଼ ବଡ଼ ଶକ୍ତିମାନଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ କି ସେମାନେ ଉଭୟ ପକ୍ଷରେ ନ୍ୟାୟର ଆବଶ୍ୟକତାକୁ ପୂରଣ କରି ଶାନ୍ତି ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରନ୍ତୁ ଏବଂ ଶାନ୍ତି ସ୍ଥାପନକାରୀ ଜାତି ରୂପେ ପରିଗଣିତ ହୁଅନ୍ତୁ । ଏପରି ନହେଉ କି ଏକ ପକ୍ଷ ଆଡ଼କୁ ଆନତ ହୋଇଯିବେ ଏବ୍ୟ ଅନ୍ୟ ପକ୍ଷର ଅଧିକାରକୁ କ୍ଷୁର୍ଣ୍ଣ କରିଦେବେ । ଅନ୍ୟାୟ, ଅତ୍ୟାଚାରରେ ଉନ୍ନତି କରନ୍ତୁ ନାହିଁ । ଅଲ୍ଲାଃତାଲା କରନ୍ତୁ କି ଆମେମାନେ ସଂସାରରେ ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ଅବଲୋକନକାରୀ ବ୍ୟକ୍ତି ରୂପେ ବିବେଚିତ ହେବୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ ଜୁମା ପରେ ମୁଁ ଦୁଇଟି ନମାଜ ଯନାଜାଃ ପଢେଇବି । **ପ୍ରଥମ** ଯନାଜାଃ ହେଉଛି ଯନାଜାଃ ହାଜିର୍ (ଉପସ୍ଥିତ ଯନାଜାଃ) । **ଦ୍ୱତୀୟ** ଯନାଜାଃ ହେଉଛି ଅନୁପସ୍ଥିତ ଯନାଜାଃ । **ପ୍ରଥମ ଯନାଜାଃ** ହାଜିର ହେଉଛି ଡାକ୍ତର ବଶୀର୍ ଅହେମଦ ଖାନ ସାହେବଙ୍କର । ଆପଣ ଏଠାରେ ଅର୍ଥାତ୍ ୟୁ.କେର ହିଁ ହଲ୍‌କା ମସ୍‌ଜିଦ୍ ଫଜଲ୍‌ରେ ରହୁଥିଲେ । ବିଗତ ଦିନ ୨2 ବର୍ଷ ବୟସରେ ତାଙ୍କର ପେରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ ।

ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ମୀର୍ ଅହେମଦ ସାହେବଙ୍କ ନାତି ଥିଲେ ଏବଂ ସରହଦ୍ ରାଜ୍ୟର ପୂର୍ବତନ ଅମୀର ହ. କାଜି ମୁହମ୍ମଦ ୟୁସୁଫ୍ ସାହେବ ର.ଅଙ୍କ ଜ୍ୱାଇଁ ଏବଂ ପେଶାୱର୍‌ର ମୁହମ୍ମଦ ଖୱାସ୍ ଖାନ୍ ସାହେବଙ୍କ ସୁପୁତ୍ର ଥିଲେ। ସ୍ୱର୍ଗତ ବଶୀର୍ ସାହେବ ନମାଜ ଓ ରୋଜାର ନିୟମାନୁବର୍ତ୍ତୀ, ଖିଲଫତ୍ ସହିତ ତାଙ୍କର ଗଭୀର ଆନ୍ତରୀକତା ଏବଂ ନିଷ୍ଠାପୂର୍ଣ୍ଣ ସଂପର୍କ ରହିଥିଲା । ଅଭାବି ଏବଂ ଦରିଦ୍ରମାନଙ୍କୁ ସାହାଯ୍ୟ କରୁଥିଲେ ଓ ଜଣେ ନିଷ୍ଠାବାନ୍ ମୁରବୀ ଥିଲେ । ନୁସ୍ରତ୍ ଯାହାଁ ସ୍କିମ୍ ଅନ୍ତର୍ଗତ ୱକ୍‌ଫ୍ କରି ଆପଣ ଅହେମଦିୟା ହସ୍ପିଟାଲ୍ ଟେଚୀମାନ୍ (Techiman) ଘାନାକୁ ଯାଇଥିଲେ । ଆପଣ ସେଠାରେ କିଛି କାଳ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ଘାନାରୁ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କୁ ଇସ୍‌ଲାମାବାଦ୍ ଗ୍ରାମାଞ୍ଚଳରେ ଅହେମଦି ଡାକ୍ତରମାନଙ୍କ ସହିତ ମିଶି ମେଡ଼ିକାଲ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କ୍ୟାମ୍ପ୍ (ସ୍ୱାସ୍ଥ୍ୟ ଶିବିର) ଲଗାଇବାକୁ ସାମର୍ଥ୍ୟ ଲାଭ ହୋଇଥିଲା ।

ୟୁ.କେ ଶିଫ୍ଟ (ସ୍ଥାନାନ୍ତର) ହେବା ଅବସରରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ କାଳରେ ମଧ୍ୟ ଖୁତ୍‌ବା ଜୁମାର ଅନୁବାଦ କରିବା ଏବଂ ଖୁଲାସା (ଖୁତ୍‌ବା ଜୁମାର ସାରାଂଶ) ଇତ୍ୟାଦି ସେବା ସମ୍ପାଦନ ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା। ସ୍ୱର୍ଗତ ବଶୀର୍ ସାହେବ ନିୟମିତ ଭାବରେ ପବିତ୍ର କୁରଆନ୍ କରୀମ୍ ଧ୍ୟାନପୂର୍ବକ ପାଠ କରିବା । ନିଜର ସନ୍ତାନମାନଙ୍କୁ ମଧ୍ୟ ଅନୁବାଦ ଶିଖାଇଥିଲେ । ସ୍ୱଳ୍ପ ବୟସରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ କଲ୍ୟାଣମୟ ତଥା ପବିତ୍ର ଜୀବନ କାଳ ମଧ୍ୟରେ ସ୍ୱର୍ଗତ ବଶୀର୍ ସାହେବଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ କାଦିଆନ୍‌ରେ ଯାଇ ସମୟ ଅତିବାହିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଉଥିଲା । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅନେକ ଭାଷଣ ମୌଖିକ ରୂପେ ମୁଖସ୍ତ ଥିଲା । ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକର କେତେକ ପ୍ରାମାଣ୍ୟ ମଧ୍ୟ ମନେ ରହିଥିଲା, ନଜମ୍ ମନେଥିଲା । ସ୍ୱର୍ଗତ ବଶୀର୍ ସାହେବ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାର ମଧ୍ୟରେ ପତ୍ନିଙ୍କ ବ୍ୟତୀତ ଜଣେ ପୁତ୍ର ସନ୍ତାନ ଓ 6 ଜଣ କନ୍ୟା ସନ୍ତାନ ଅଛନ୍ତି । ତାଙ୍କର ଜ୍ୱାଇଁ ଡାକ୍ତର ମୁସଲ୍ଲମ୍ ଅବ୍‌ଦୁରୁବି ସାହେବ ଅଟନ୍ତି, ସେ ଉଲ୍ଲେଖ କରନ୍ତି ଯେ, ଶ୍ୱଶୂର ମହୋଦୟ ନମାଜ ତେହଜ୍ଜୁଦ୍ ନିୟମିତ ପାଠ କରୁଥିଲେ । ସ୍ୱର୍ଗତ ଶ୍ୱଶୂର ମହୋଦୟ ଜଣେ ନିଃସ୍ୱାର୍ଥପର ବିଶ୍ୱାସକାରୀ ବ୍ୟକ୍ତି ଥିଲେ । ଧର୍ମପରାୟଣ, ଈଶ୍ୱରଭୀରୁ ଓ ଜଣେ ସତ୍‌ସାହସୀ ବ୍ୟକ୍ତି ଥିଲେ । ଖିଲାଫତ୍ ଏବଂ ଜମାଅତ୍ ସହିତ ଅସାଧାରଣ ପ୍ରେମମୂଳକ ସଂପର୍କ ରଖୁଥିଲେ ।

ମୁଁ ତାଙ୍କର ଠାରେ ଖଲିଫାଙ୍କ ସହିତ ଆନ୍ତରୀକତାପୂର୍ଣ୍ଣ ପ୍ରେମମୟ ବହୁମୂଲ୍ୟ ବସ୍ତୁ ଲକ୍ଷ୍ୟ କରିଛି । ତବ୍‌ଲିଗ୍ କରିବାର ଗଭୀର ଅଭିରୁଚି ରହିଥିଲା । ଏଥି ପାଇଁ ସେ କୌଣସି ସୁଯୋଗକୁ ହାତ ଛଡ଼ା କରୁ ନଥିଲେ । ମୁଁ ଯେତେବେଳେ ସିରୀୟା ଓ ଅର୍ଦ୍ଦନରେ ଥିଲି ଓ ସ୍ୱର୍ଗତ ଶ୍ୱଶୁର ମହୋଦୟ ଯେତେବେଳେ ମୋ ନିକଟକୁ ଆସିଲେ ସେତେବେଳେ ମୁଁ ଦେଖିଲି ଯେ, ଖୁବ୍‌ଶୀଘ୍ର ମୋର ପଡ଼ୋଶୀଙ୍କର ବହୁତ ଭଲ ସାଙ୍ଗ ହୋଇଥିଲେ । ସେହିପରି ମୋର ସୁରକ୍ଷାକର୍ମୀଙ୍କ ସହିତ ସୁସଂପର୍କ ସ୍ଥାପନ କରି ନେଇଥିଲେ ଏବଂ ସେମାନଙ୍କୁ ଅହେମଦିୟତ୍ ସଂପର୍କରେ କହୁଥିଲେ। ହୁଜୁର୍ ଅନୱର୍ ଅ.ବଙ୍କ ପତ୍ନି ଜୁବୈଦାହ୍ ସାହେବା କୁହନ୍ତି: "ଖିଲାଫତେ ସାଲିସା କାଳରେ ସ୍ୱାମୀଙ୍କୁ ନୁସ୍ରତ୍ ଯାହାଁ ସ୍କିମ୍ (ଯୋଜନା) ଅନ୍ତର୍ଗତ ପଶ୍ଚିମ ଆଫ୍ରିକା ଯିବାର ଆଦେଶ ଦିଆଗଲା ତେବେ ସେ ପୂର୍ଣ୍ଣ ଆଜ୍ଞାବହତାର ସହିତ ଯିବା ନିମନ୍ତେ ତୁରନ୍ତ ପ୍ରସ୍ତୁତ ହୋଇଗଲେ । ସ୍ୱାମୀ ଏତେ ଶୀଘ୍ର ପ୍ରସ୍ତୁତ ହୋଇଗଲେ ଯେ, ମୁଁ ଏହା ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଗଲି । ମୋ ଝିଅ ଦୁଇ ମାସର ଥିଲା । କିନ୍ତୁ ଆପଣ (ସ୍ୱାମୀ) କହିଲେ, ଖଲିଫାଙ୍କ ଆଦେଶ ଅଛି । ତେଣୁ ତୁରନ୍ତ ପ୍ରସ୍ତୁତ ହେବା ଉଚିତ୍ ।

ସୁତରାଂ ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ଓ 4 ସନ୍ତାନଙ୍କ ସହିତ ରବ୍‌ୱା ପହଞ୍ଚିଲୁ । ହୁଜୁର ର.ଅ(ଖଲିଫା ସାଲିସ୍ ର.ଅ)ଙ୍କ ସହିତ ସାକ୍ଷାତ୍ ହେଲା, ହୁଜୁର ର.ଅଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ବନୁ (ଏକ ସ୍ଥାନର ନାମ) ଫେରି ଆସି ଛୁଟି ପାଇଁ ଅବେଦନ କରିଦେଲି ଓ ଦୁଆ କରିବାକୁ ଆରମ୍ଭ କରିଦେଲି । କାରଣ ସେତେବେଳେ ସରକାରଙ୍କ ପକ୍ଷରୁ ଡାକ୍ତରମାନଙ୍କୁ ବାହାରକୁ ଯିବା ନିମନ୍ତେ କଟକଣା ରହିଥିଲା ଏବଂ ଭୁଟ୍ଟୋ ସାହେବଙ୍କ ଶାସନ କାଳ ଥିଲା । କିନ୍ତୁ ସେ ଯାହା ହେଉ ସ୍ୱାମୀଙ୍କୁ ଅନୁମତି ମିଳିଗଲା ଏବଂ ଆପଣ ଚାଲିଗଲେ ।" ବାଜମାଅତ୍ (ସାମୂହିକ ନମାଜ) ନମାଜ୍ ପାଠ କରିବା ନିମନ୍ତେ ଯେତେ ବି ସମସ୍ୟା ଓ ବାଧା ବିଘ୍ନ ଆସିଲା କିନ୍ତୁ ସ୍ୱର୍ଗତ ବଶୀର୍ ସାହେବ ସର୍ବଦା ଦୁଆ କରୁଥିଲେ ଯେ, କିପରି ଏହି ସମସ୍ୟାର ସମାଧାନ ହୋଇଯାଉ ଏବଂ ପୁନଶ୍ଚ ସେହି ସମସ୍ୟାର ସମାଧାନ ମଧ୍ୟ ଅଲ୍ଲାଃତାଲା କରି ଦେଉଥିଲେ ଏବଂ ତାଙ୍କୁ ବାଜମାଅତ୍ ନମାଜ ପାଠ କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଉଥିଲା । ସେ (ଜୁବୈଦା ସାହେବା) କୁହନ୍ତି : "ଅଲ୍ଲାଃତାଲା ଯେତେବେଳେ ଆମକୁ ଚାରି ଚକିଆ ଯାନ କିଣିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ ସେତେବେଳେ ଆମେମାନେ ଯିବା ଆସିବା ସମୟରେ ନିଜର ବନ୍ଧୁ ଏବଂ ସାଙ୍ଗ ସାଥିମାନଙ୍କୁ ମଧ୍ୟ ମସ୍‌ଜିଦ୍ ନେଇ ଆସୁଥିଲୁ ଏବଂ ଉକ୍ତ କଥା ଯୋଗୁଁ ସ୍ୱାମୀ ବହୁତ ପ୍ରସନ୍ନ ହେଉଥିଲେ।

ମସ୍‌ଜିଦ୍ ଫଜ୍‌ଲ୍ ନିକଟବର୍ତ୍ତୀ ଏକ ଘର ଯେତେବେଳେ ମିଳାଲା ସତେବେଳେ ସ୍ୱାମୀ ଉକ୍ତ କଥା ଯୋଗୁଁ ଅତ୍ୟନ୍ତ ପ୍ରସନ୍ନ ଥିଲେ ଯେ, ମସ୍‌ଜିଦ୍‌କୁ ଯାଇ ପାଞ୍ଚବେଳା ନମାଜ୍ ପାଠ କରିବେ । ସ୍ୱର୍ଗତ ସ୍ୱାମୀ ମହୋଦୟ ଧର୍ମ ସେବାର ପ୍ରତ୍ୟେକ ମାଧ୍ୟମ ଓ ପ୍ରତ୍ୟେକ ପନ୍ଥାକୁ ବ୍ୟବହାର କରୁଥିଲେ । ତବ୍‌ଲିଗ୍ କରିବାର କୌଣସି ସୁଯୋଗକୁ ହାତଛଡ଼ା କରୁ ନଥିଲେ । ଚାନ୍ଦା ଯଥା ସମୟରେ ପୈଠ କରୁଥିଲେ ଏବଂ ଚାନ୍ଦା ପୈଠ କରିବା ନିମନ୍ତେ ଆମ ସମସ୍ତଙ୍କୁ ଅନୁପ୍ରାଣିତ କରୁଥିଲେ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତ ବଶୀର୍ ସାହେବଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିମାନଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି **ଦ୍ୱିତୀୟ ଯନାଜାଃ** ହେଉଛି ସମ୍ମାନନୀୟା ସ୍ୱର୍ଗତା ୱସିମା ବେଗମ୍ ସାହେବାଙ୍କର । ସ୍ୱର୍ଗତା ୱସିମା ବେଗମ ସାହେବା ଡାକ୍ତର ଶଫିକ୍ ସେହଗଲ୍ ସାହେବଙ୍କ ପତ୍ନି ଥିଲେ । ସେହଗଲ୍ ସାହେବ ମୁଲ୍‌ତାନ୍ ଜିଲ୍ଲାର ଅମୀର ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ପୁନଶ୍ଚ ନାଏବ୍ ୱକିଲୁତ୍ ତସ୍‌ନିଫି ମଧ୍ୟ ରହିଥିଲେ । ଅଣାନବେ (୮୨) ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । اِنَّا لِلّٰہِ وَاِنَّاۤ اِلَیۡہِ رٰجِعُوۡنَ । ସ୍ୱର୍ଗତା ୱସିମା ବେଗମ୍ ସାହେବା ଓସିୟତ୍ କରିଥିଲେ । ସ୍ୱାମୀଙ୍କ ବ୍ୟତୀତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ତିନି ଜଣ ପୁତ୍ର ସନ୍ତାନ ଅଛନ୍ତି । ସ୍ୱର୍ଗତ ୱସିମା ବେଗମ୍ ସାହେବାଙ୍କର ସ୍ୱାମୀ ମହୋଦୟ ଡାକ୍ତର ମୁହମ୍ମଦ୍ ଶଫିକ୍ ସେହଗଲ୍ ସାହେବ ଉଲ୍ଲେଖ କରନ୍ତି ଯେ, ବିନୀତର ପତ୍ନୀ ହ. ସେଖ୍ ମୁସ୍ତାକ୍ ହୁସୈନ୍ ସାହେବ ସାହାବି ହ. ମସିହ୍ ମଉଦ୍ ଅ.ସଙ୍କ ପୌତ୍ରୀ ଥିଲେ ଏବଂ ଲାହୋର୍‌ର ସ୍ୱର୍ଗତ ଜଷ୍ଟିସ୍ ସେଖ୍ ବଶୀର୍ ଅହେମଦ ସାହେବଙ୍କ ସୁପୁତ୍ରୀ ସୟେଦା ୱସିମ୍ ସାହେବାଙ୍କ ଭାଣିଜୀ ଥିଲେ । ପ୍ରତ୍ୟେକ କାଳରେ ଖିଲାଫତ୍ ସହିତ ତାଙ୍କର ନିବିଡ଼ ସଂପର୍କ ରହିଥିଲା ଓ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ପ୍ରତ୍ୟେକ କାଳରେ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିଥିଲେ।

ତାଙ୍କର ପୌତ୍ର ମୋହିଉଦ୍ଦୀନ ସାହେବ କୁହନ୍ତି, ମୋ ଜେଜେମା (ଦାଦି) ବଳିଦାନ ଦେବାର ବିଶେଷ ଗୁଣର ଅଧିକାରୀ ଥିଲେ । ରୁହାନୀ ଖଜାଏନ୍‌ର ବହୁତ ଗଭୀର ଅଧ୍ୟୟନ କରୁଥିଲେ । ମୋହିଉଦ୍ଦୀନ୍ ସାହେବ କୁହନ୍ତି, ମୋ ଜେଜେବାପା (ଦଦା) ଯଦିଚ ଜଣେ ଉତ୍ସର୍ଗୀକୃତ ଜୀବନ ଅଟନ୍ତି । ତେଣୁ ମୁଁ ଏକଦା ତାଙ୍କୁ (ଜେଜେମା) ପଚାରିଲି ଯେ, ଜେଜେ ! କ'ଣ ଆପଣ ବି ୱକ୍‌ଫ୍ (ଉତ୍ସର୍ଗୀକୃତ ଜୀବନ) ଅଟନ୍ତି ? ତେବେ ପ୍ରତ୍ୟୁତ୍ତରରେ ଉତ୍ତର ଦେଲେ ଯେ, ଖଲିଫା ଏହା ହିଁ କୁହନ୍ତି ଯେ, ଉତ୍ସର୍ଗୀକୃତ ଜୀବନଙ୍କର ପତ୍ନିମାନେ ମଧ୍ୟ ଉତ୍ସର୍ଗୀକୃତ ଜୀବନ ଅଟନ୍ତି । ଆଏଶା ସାହେବା ତାଙ୍କର ବଧୂ ଓ ତାଙ୍କର ପୁତୁରୀ ମଧ୍ୟ ଅଟନ୍ତି । ସେ କୁହନ୍ତି ଯେ, ମୋ ଫୁପି (ପିଉସୀ) ସମସ୍ତଙ୍କର ପ୍ରିୟପାତ୍ର ବ୍ୟକ୍ତିତ୍ୱର ଅଧିକାରୀଣୀ ଥିଲେ । ଲଜ୍‌ନାରେ ଯେଉଁ ଏହେଦ୍ (ପ୍ରତିଜ୍ଞା/ଅଙ୍ଗୀକାର/ଶପଥ)ର ପୁନରାବୃତ୍ତି କରାଯାଇଥାଏ ଯେ, ମୁଁ ନିଜର ଧନ, ଜୀବନ, ସମୟ ଓ ସନ୍ତାନକୁ ଉତ୍ସର୍ଗ କରିବା ନିମନ୍ତେ ତତ୍ପର ରହିବି ଏହି ଏହେଦ୍ ବା ଶପଥର ସେ ସାକ୍ଷାତ୍ ବ୍ୟବହାରିକ ଉଦାହରଣ ଥିଲେ । ପୁତୁରୀ କୁହନ୍ତି: "ମୋ ବିବାହ ପରେ ସେ ଅନେକ ସାଂସ୍କାରିକ ପ୍ରସଙ୍ଗରେ ମୋର ମାର୍ଗଦର୍ଶନ କରିଥିଲେ । ମୋତେ ପବିତ୍ର କୁରଆନ୍ କରୀମ୍‌ର ଆକ୍ଷରିକ ଅନୁବାଦ ମଧ୍ୟ ଶିଖାଇଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ୱସିମା ବେଗମ୍ ସାହେବାଙ୍କର ଭାଣିଜୀ ତଥା ବଧୂ (ମଧ୍ୟ ଅଟନ୍ତି) ଜକିୟା ସାହେବା କୁହନ୍ତି: "ମୋର ଖାଲା (ମାଙ୍କ ଭଉଣୀ) ଅଭାବି ଓ ଦରିଦ୍ରମାନଙ୍କୁ ସାହାଯ୍ୟ କରୁଥିଲେ ଏବଂ ଜଣେ ଆଦର୍ଶବାନ୍ ମହିଳା ଥିଲେ। ପ୍ରତ୍ୟେକ ବ୍ୟକ୍ତିକୁ ଭଲ ପାଉଥିଲେ । ସ୍ୱାମୀଙ୍କର କୌଣସି କଥାକୁ ସେ କେବେ ହେଲେ ଖଣ୍ଡନ କରି ନାହାନ୍ତି । ପରୋପକାରୀ ଏବଂ ଲୋକ ହିତୈଷିଣୀ ଅସ୍ତିତ୍ୱ ଥିଲେ । ଆପଣ ସର୍ବଦା ସମସ୍ତଙ୍କୁ ସାହାଯ୍ୟ କରୁଥିଲେ ଏବଂ ଏଥି ନିମନ୍ତେ ସେ ସର୍ବଦା ତତ୍ପର ଓ ପ୍ରସ୍ତୁତ ରହୁଥିଲେ । ସ୍ୱର୍ଗତା ୱସିମା ବେଗମ୍ ସାହେବାଙ୍କର ଭଉଣୀ ନଇମା ଜମିଲ୍ ସାହେବା କହୁନ୍ତି: "ମୋ ଭଉଣୀ ମୋ ପରି ଥିଲେ । ମୁଁ ପଚାସ ବର୍ଷ ବୟସରେ ଯେତେବେଳେ ବିଧବା ହୋଇଗଲି ସେତେବେଳେ ଅଲ୍ଲାଃତାଲା ଦିଦି (ଭଉଣୀ)ଙ୍କୁ ମୋ ପାଇଁ ଦେବଦୂତ କରିଦେଲେ । ସେ ପ୍ରତ୍ୟେକ ପ୍ରକାରରୁ ମୋତେ ସାହାଯ୍ୟ କରୁଥିଲେ ଏବଂ ମୋର ମାର୍ଗଦର୍ଶନ କରୁଥିଲେ ।

ଭଉଣୀ ଜଣେ ଉପସନାକାରୀଣୀ ମହିଳା ତ' ଅବଶ୍ୟ ଥିଲେ ଏବଂ ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବା କ୍ଷେତ୍ରରେ, ଅନେକ ବାଳିକାମାନଙ୍କର ବିବାହର ଦାୟିତ୍ୱ ବହନ କରିଥିଲେ । କୌଣସି ଗ୍ରାମାଞ୍ଚଳ ଗରିବ ବ୍ୟକ୍ତିକୁ ନିଜ ଠାରୁ ହୀନ ବୋଲି କେବେ ମନେ କଲେ ନାହିଁ । ଅଭାବି କର୍ମଚାରୀମାନଙ୍କୁ ଭରପୁର ଆର୍ଥିକ ସାହାଯ୍ୟ କରୁଥିଲେ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ସ୍ୱର୍ଗତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ସ୍ୱର୍ଗତାଙ୍କ ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

☆--☆--☆


**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାହତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫକତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## (ଖୁତ୍‌ବା ଜୁମା)

ଆଁହଜରତ ସ.ଅଙ୍କୁ ଐଶ୍ୱରିକ ବାଣୀ ମାଧମରେ ଏହି ଇଙ୍ଗିତ ମିଳି ଯାଇଥିଲା ଯେ, ହ. ଫାତିମା ର.ଅଙ୍କ ବିବାହ ହ. ଅଲୀ ର.ଅଙ୍କ ସହିତ ହେବ । ଯଦି କୌଣସି ମହିଳା ନିଜ ସ୍ୱାମୀ ଠାରୁ ଅବଜ୍ଞତା (ଅବିଶ୍ୱସାକାରୀ ହେବା) ଯୋଗୁଁ ଭିନ୍ନ ବା ପୃଥକ ହୁଏ ତେବେ ସ୍ୱାମୀର ବିଶ୍ୱାସ ଆଣିବା ପରେ ସେହି ମହିଳାକୁ ପୁନଶ୍ଚ ନିକାହ୍ କରିବାର ଆବଶ୍ୟକତା ଆଉ ନଥାଏ ।

---

اَللّٰهُمَّ اِنِّیۡ اُعِیۡذُهَا بِكَ وَذُرِّیَّتَهَا مِنَ الشَّیۡطَانِ الرَّجِیۡمِ

"ହେ ଅଲ୍ଲାଃ ! ଏହି ପୁତ୍ରୀକୁ ଓ ତା'ର ସନ୍ତାନକୁ ନିର୍ବାସିତ ଓ ଘୃଣ୍ୟ ସୈତାନ ଠାରୁ ମୁଁ ତୁମ୍ଭର ଶରଣ ଭିକ୍ଷା କରୁଛି ।"

اَللّٰهُمَّ بَارِكۡ فِیۡهِمَا وَبَارِكۡ لَهُمَا فِیۡ شَمۡلِهِمَا

"ହେ ଅଲ୍ଲାଃ ! ତୁମ୍ଭେ ଉଭୟଙ୍କ ମଧ୍ୟରେ (ହ. ଅଲୀ ଓ ହ. ଫାତିମା ର.ଅଙ୍କ ମଧ୍ୟରେ) କଲ୍ୟାଣ ରଖିଦିଅ ଓ ଏହି ଦୁହିଁଙ୍କୁ ଏକତ୍ରିତ (ସହାବସ୍ଥାନ) ହେବାରେ ସହାୟକ ହୋଇ ସେମାନଙ୍କୁ କଲ୍ୟାଣ ପ୍ରଦାନ କର ।"

اَللّٰهُمَّ بَارِكۡ فِیۡهِمَا وَبَارِكۡ عَلَیۡهِمَا وَبَارِكۡ لَهُمَا نَسۡلَهُمَا

"ହେ ମୋର ଅଲ୍ଲାଃ ! ଦୁହିଁଙ୍କ ମଧ୍ୟରେ (ହ. ଅଲୀ ଓ ହ. ଫାତିମା ର.ଅଙ୍କ ମଧ୍ୟରେ) ପାରସ୍ପରିକ ସଂପର୍କ ସ୍ଥାପନ କରିବାରେ କଲ୍ୟାଣ ପ୍ରଦାନ କର ଏବଂ ଯେଉଁ ସଂପର୍କ ଅନ୍ୟମାନଙ୍କ ସହିତ ସ୍ଥାପନ ହେବ ସେହି ସଂପର୍କକୁ କଲ୍ୟାଣମୟ କରିଦିଅ, ସେମାନଙ୍କ ସନ୍ତାନ ସନ୍ତତିଙ୍କ ମଧ୍ୟରେ ମଧ୍ୟ କଲ୍ୟାଣ ପ୍ରଦାନ କର ।"

---

ଆଜିକାଲି ବିବାହର ପରେ ପୁଅ ଝିଅଙ୍କ ମଧ୍ୟରେ ଯେଉଁ ସମସ୍ୟା ସୃଷ୍ଟି ହୋଇଯାଉଛି ତହିଁରେ ମଧ୍ୟ ଅଭିବୃଦ୍ଧି ଘଟିଛି । ଏହା ପଛରେ କେବଳ ଏକମାତ୍ର କାରଣ ରହିଛି ଏବଂ ତାହା ଏହିକି ଯେ, ସାଂସାରିକ ଲାଳସା, ମୋହମାୟା ଓ ଯୌନ ତୃପ୍ତି । ଏହିସବୁ କାରଣ ସାଂପ୍ରତିକ କାଳରେ ଅତ୍ୟଧିକ ବୃଦ୍ଧି ପାଇଛି । ଧର୍ମ ଏବଂ ଈଶ୍ୱରଙ୍କ ଆଦେଶାବଳୀ ଉପରେ କମ୍ ଧ୍ୟାନ ଦେବା ଯୋଗୁଁ ହେଉଛି । ସୁତରାଂ ଧର୍ମକୁ ଯଦି ସାଂସାରିକତା ଉପରେ ପ୍ରାଧାନ୍ୟ ଦିଆଯାଏ ଏବଂ ଏହିପରି ଦୁଆ କରାଯାଏ, ଅଭିଭାବକମାନେ ମଧ୍ୟ ଏହିପରି (ଉପରୋକ୍ତରେ ବର୍ଣ୍ଣିତ ଦୁଆ) ଯଦି ନିଜ ନିଜର ଭୂମିକା ନିର୍ବାହ କରନ୍ତି ତେବେ ରିସ୍ତା (ପାରସ୍ପରିକ ସଂପର୍କ) ଅବ୍ୟାହତ ରହିପାରିବ ।

---

ଆଁହଜରତ ସ.ଅ ଧନ (ମାଲେ ଗନିମତ୍) ବାଣ୍ଟିବା ସମୟରେ ଏପରି ସତର୍କତା ଅବଲମ୍ବନ କରୁଥିଲେ ଯେ, ହ. ଫାତିମା ର.ଅଙ୍କୁ ଏକ ସେବକର ଆବଶ୍ୟକତା ଥିବା ସତ୍ତ୍ୱେ ଏବଂ ଚକ୍କି ପେଷିବା ଦ୍ୱାରା ହ. ଫାତିମା ର.ଅଙ୍କ ହସ୍ତକୁ ଅତ୍ୟନ୍ତ ଯନ୍ତ୍ରଣା ତଥା କଷ୍ଟ ହୋଇଥିଲା । କିନ୍ତୁ ତଥାପି ଆପଣ ସ.ଅ ହ. ଫାତିମା ର.ଅଙ୍କୁ ସେବକ ଦେଲେ ନାହିଁ । ବରଂ ହ. ଫାତିମା ର.ଅଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ ଓ ଅଲ୍ଲାଃତାଲାଙ୍କ ଆଡ଼କ ମନଯୋଗ କରିବାକୁ କହିଥିଲେ ।

---

ମୁସଲମାନ ରାଷ୍ଟ୍ରମାନଙ୍କୁ ସଂସାରକୁ ଧ୍ୱଂସ ମୁଖରୁ ରକ୍ଷା କରିବା ନିମନ୍ତେ ନିଜର ଭୂମିକା ନିର୍ବାହ କରିବା ପାଇଁ ଆପ୍ରାଣ ଉଦ୍ୟମ କରିବା ଉଚିତ୍ । ଆମମାନଙ୍କୁ ଦୁଆ ଉପରେ ଅଧିକ ଜୋର ଦେବାର ଆବଶ୍ୟକତା ରହିଛି, ଅଲ୍ଲାଃତାଲା ଏହି ଯୁଦ୍ଧକୁ ସମାପ୍ତ କରି ଦିଅନ୍ତୁ ଏବଂ ନିରୀହ, ନିଷ୍ପେଷିତ ପାଲେଷ୍ଟାଇନ୍ ବାସୀଙ୍କୁ ରକ୍ଷା ମଧ୍ୟ କରନ୍ତୁ । ସେମାନଙ୍କ ଉପରେ ଆଉ ଅତିରିକ୍ତ ଅତ୍ୟାଚାର ନହେଉ ଏବଂ ସଂସାରରେ ଯେଉଁ ଯେଉଁଠି ବି ଅନ୍ୟାୟ ଓ ଅତ୍ୟାଚାର ରହିଛି ତାହାକୁ ଅଲ୍ଲାଃତାଲା ସମାପ୍ତ କରି ଦିଅନ୍ତୁ ।

ସରିୟା ଜୈଦ୍ ବିନ୍ ହାରିସା, ସୁୱୈକ୍ ଯୁଦ୍ଧ, ମୁସଲମାନମାନଙ୍କର ପ୍ରଥମ ଇଦୁଲ୍ ଅଜ୍‌ହା ସଂପର୍କିତ ଐତିହାସିକ ଘଟଣାବଳୀର ପ୍ରଭାବଶାଳୀ ବର୍ଣ୍ଣନା ।

ଏଭଳି ପରିସ୍ଥିତିରେ ଇସ୍‌ଲାମୀୟ ରାଷ୍ଟ୍ରମାନଙ୍କୁ ହେଜ ପଶିବା ଉଚିତ୍ (ଅର୍ଥାତ୍ ସତର୍କ ହୋଇ ପୂର୍ବ ଘଟଣାରୁ ଶିକ୍ଷା ନେବା ଉଚିତ୍), ପାରସ୍ପରିକ ମତଭେଦକୁ ସମାପ୍ତ କରି ନିଜ ମଧ୍ୟରେ ଏକତାକୁ ସ୍ଥାପନ କରିବା ଉଚିତ୍ ।

---

ହମାସ୍, ଇସ୍ରାଇଲ୍, ପାଲେଷ୍ଟାଇନ୍ ଯୁଦ୍ଧକୁ ଦୃଷ୍ଟିରେ ରଖି ହୁଜୁର ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ଏବଂ ମୁସଲମାନ ରାଷ୍ଟ୍ରମାନଙ୍କୁ ଉପଦେଶ ଏବଂ ମୁସଲମାନ ରାଷ୍ଟ୍ରମାନଙ୍କୁ ପୃଥିବୀରେ ଶାନ୍ତି ସ୍ଥାପନ ନିମିତ୍ତ ଏକ ସ୍ୱର ହୋଇ ଭରପୁର ତଥା ପ୍ରଭାବଶାଳୀ ଭୂମିକା ନିର୍ବାହ କରିବା ନିମନ୍ତେ ହୁଜୁର ଅନ୍‌ୱର୍ ଅ.ବଙ୍କ ଅହ୍ୱାନ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 20 OCTOBER 2023 ମସିହା ଅନୁଯାୟୀ ୨୦ ଇଖା / ୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشۡهَدُ أَنۡ لَّا إِلٰهَ اِلَّا اللّٰهُ وَحۡدَهٗ لَا شَرِيكَ لَهٗ وَأَشۡهَدُ أَنَّ مُحَمَّدًا عَبۡدُهٗ وَ رَسُوۡلُهٗ۔ أَمَّا بَعۡدُ فَأَعُوۡذُ بِاللّٰهِ مِنَ الشَّيۡطٰنِ الرَّجِيۡمِ۔ بِسۡمِ اللّٰهِ الرَّحۡمٰنِ الرَّحِيۡمِ۔ اَلۡحَمۡدُ لِلّٰهِ رَبِّ الۡعَالَمِيۡنَ۔ اَلرَّحۡمٰنِ الرَّحِيۡمِ ۔ مٰلِكِ يَوۡمِ الدِّيۡنِ ۔اِيَّا كَ نَعۡبُدُ وَ اِيَّاكَ نَسۡتَعِيۡنُ۔ اِهۡدِنَا الصِّرَاطَ الۡمُسۡتَقِيۡمَ۔صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ۔غَيۡرِالۡمَغۡضُوۡبِ عَلَيۡهِمۡ وَلَاالضَّآلِّيۡنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଜି ମଧ୍ୟ ବଦର୍ ଯୁଦ୍ଧର ପରବର୍ତ୍ତୀ ତୁରନ୍ତ ଘଟିଥିବା କେତେକ ଘଟଣାବଳୀ ସଂପର୍କରେ ଚର୍ଚ୍ଚା କରିବି । ଇତିହାସରେ ଆଁହଜରତ ସ.ଅଙ୍କ କ୍ୱାଇଁଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ସଂପର୍କରେ ଘଟଣା ଉଲ୍ଲେଖ ରହିଛି । ଆଁହଜରତ ସ.ଅ ଜମାଦିଉଲ୍ ଉଲା 6 ହିଜ୍ରୀରେ ଜୈଦ୍ ବିନ୍ ହାରିସା ର.ଅଙ୍କ ନେତୃତ୍ୱରେ ଇସ୍ ନାମକ ଏକ ସ୍ଥାନକୁ ଯୁଦ୍ଧର ନିମନ୍ତେ ପ୍ରେରଣ କଲେ । ଇସ୍ ମଦିନା ଠାରୁ 4 ଦିନର ଦୂରତାରେ ଅବସ୍ଥିତ ଏକ ସ୍ଥାନ ଅଟେ। ଯେତେବେଳେ ଦୂରତାର ଚର୍ଚ୍ଚା ହୁଏ ସେତେବେଳେ ଇତିହାସବିତ୍‌ମାନେ ଏହା କୁହନ୍ତି, ଗୋଟିଏ ଦିନର ବ୍ୟବଧାନ ବା ଦୂରତା 12 ମାଇଲ୍ ଅଟେ । ସେହିପରି ଉକ୍ତ ସ୍ଥାନ (ଇସ୍)ଟି 48 ମାଇଲ୍ ଦୂରତାରେ ଅବସ୍ଥିତ ଥିଲେ । ଉକ୍ତ ଯୁଦ୍ଧର ବୃତ୍ତାନ୍ତ ଏହିପରି ଅଟେ ଯେ, ଆଁହଜରତ ସ.ଅ ଜମାଦିଉଲ୍ ଇଲା 6 ହିଜ୍ରୀରେ ଜୈଦ୍ ବିନ୍ ହାରିସା ର.ଅଙ୍କୁ 70 ଜଣ ସାହାବାମାନଙ୍କ ନେତୃତ୍ୱରେ ମଦିନା ଅଭିମୁଖେ ପ୍ରେରଣ କଲେ । ଉକ୍ତ ଅଭିଯାନର କାରଣ ଏହା ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ଏହି ସୂଚନା ପ୍ରାପ୍ତ ହୋଇଥିଲା ଯେ, ସିରୀୟା ପକ୍ଷରୁ ମକ୍କାର କୁରୈଶ୍‌ମାନଙ୍କର ଏକ ଯାତ୍ରୀ ସମୂହ ଆସୁଅଛି ତେବେ ଆପଣ ସ.ଅ ସେହି ସୈନ୍ୟ ଟୁକୁଡ଼ିକୁ ପ୍ରେରଣ ଏଥି ନିମନ୍ତେ ପ୍ରେରଣ କଲେ । ସେହି ଯାତ୍ରୀ ସମୂହ ବାଣିଜ୍ୟିକ ଜିନିଷ ବିଶିଷ୍ଟ ଯାତ୍ରୀସମୂହ ଥିଲା । ସେମାନଙ୍କର ଅଭିପ୍ରାୟ ଏହା ରହିଥିଲା କି ସେହି ଯାତ୍ରୀ ସମୂହର ଆଗମନ

ଫଳରେ ମୁସଲମାନମାନଙ୍କ ଉପରେ ପୁନଃ ଆକ୍ରମଣ କରାଯାଉ ଏବଂ ଯୁଦ୍ଧ କରାଯାଉ । ସେ ଯାହା ହେଉ ସେମାନେ (70 ଜଣ ବିଶିଷ୍ଟ ସୈନ୍ୟ ଟୁକୁଡ଼ି) ସେହି ଯାତ୍ରୀ ସମୂହକୁ ଅଟକାଇ ଦେଲେ ଏବଂ ସେମାନଙ୍କର ଜିନିଷ ପତ୍ର ନିଜ ଅକ୍ତିଆରକୁ ନେଇନେଲେ । କେତେକ କଏଦୀ ଧରା ମଧ ହୋଇଥିଲେ । ସେହି କଏଦୀମାନଙ୍କ ମଧରେ ଅବୁଲ୍ ଆସ୍ ମଧ ଗିରଫ ହୋଇଥିଲେ । **(ଶରହୁଲ୍ ଜର୍କାନୀ, ଅଲଲ୍ ମୱାହିବି ଅଲ୍ ଲୁଦନି, ବାଗ-3, ପୃ-124-125, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-1996 ମସିହାରୁ ଉଦ୍ଧୃତ) (ଉର୍ଦ୍ଦୁ ଲୁଗତ୍, ଭାଗ-17, ପୃ-772'ମରହଲା' ଶବ୍ଦ ଅନ୍ତର୍ଗତ)**

ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ସାହେବ ଉକ୍ତ ଘଟଣାକୁ ଏହିପରି ଭାବରେ ଉଲ୍ଲେଖ କରିଛନ୍ତି ଯେ,"ସେହି କଏଦୀମାନଙ୍କ ମଧରେ ଯେଉଁ ବ୍ୟକ୍ତି ଇସ୍ ନାମକ ସ୍ଥାନରେ ଧରା ପଡ଼ିଥିଲେ ସେ ହେଉଛନ୍ତି, ଅବୁଲ୍ ଆସ୍ ବିନ୍ ରବିଇ ମଧ ଥିଲେ । ଅବୁଲ୍ ଆସ୍ ବିନ୍ ଅର୍ ରବିଇ ଆଁହଜରତ ସ.ଅଙ୍କ ଜ୍ୱାଇଁ ମଧ ଥିଲେ ଏବଂ ହ. ଖଦିଜା ର.ଅଙ୍କ ନିକଟ ସଂପର୍କୀୟଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲେ। ଏଥି ପୂର୍ବରୁ ସେ ବଦର୍ ଯୁଦ୍ଧରେ ବନ୍ଦୀ ହୋଇଥିଲେ । କିନ୍ତୁ ସେତେବେଳେ ଆଁହଜରତ ସ.ଅ ତାଙ୍କୁ ଏହି ସର୍ତ୍ତରେ ଛାଡ଼ି ଦେଇଥିଲେ ଯେ, ସେ ମକ୍କାରେ ପହଞ୍ଚି ଆପଣ ସ.ଅଙ୍କ ସୁପୁତ୍ରୀ ହ. ଜୈନବ୍ ର.ଅଙ୍କୁ ମଦିନା ପ୍ରେରଣ କରିଦିଅନ୍ତୁ । ଅବୁଲ୍ ଆସ୍ ଉକ୍ତ ପ୍ରତିଶ୍ରୁତିକୁ ତ' ପୂରଣ କରି ଦେଇଥିଲେ । କିନ୍ତୁ ସେ (ଅବୁଲ୍ ଆସ୍) ଏପର୍ଯ୍ୟନ୍ତ ସିର୍କ ଉପରେ ପ୍ରତିଷ୍ଠିତ ଥିଲେ । ଅର୍ଥାତ୍ ସେ ସେପର୍ଯ୍ୟନ୍ତ ଅବିଶ୍ୱାସକାରୀ ଥିଲେ । ଯେତେବେଳେ ଜୈଦ୍ ବିନ୍ ହାରିସା ତାଙ୍କୁ ବନ୍ଦୀ କରି ମଦିନା ଆଣିଲେ ସେତେବେଳେ ରାତ୍ର ସମୟ ହୋଇଥିଲା । କିନ୍ତୁ ଅବୁଲ୍ ଆସ୍ କୌଣସି ପ୍ରକାରେ ହ. ଜୈନବ୍ ର.ଅଙ୍କୁ ସୂଚନା ପ୍ରେରଣ କଲେ ଯେ, ମୁଁ ଏହିପରି ବନ୍ଦୀ ହୋଇ ମଦିନା ପହଞ୍ଚି ଯାଇଛି ତୁମେ ଯଦି ମୋ ପାଇଁ କିଛି କରିପାରୁଛ ତେବେ କର । ସୁତରାଂ ଠିକ୍ ସେତିକିବେଳେ ଆଁହଜରତ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନେ ନମାଜ ଫଜରରେ ବ୍ୟସ୍ତ ଥିଲେ । ହ. ଜୈନବ୍ ର.ଅ ଘର ଭିତରୁ ଉଚ୍ଚ ସ୍ୱରରେ ଡାକି କହିଲେ, "ହେ ମୁସଲମାନମାନେ ! ମୁଁ ଅବୁଲ୍ ଆସ୍‌ଙ୍କୁ ଶରଣ ଦେଇଛି ।" ଆଁହଜରତ ସ.ଅ ନମାଜ ପାଠ କରିସାରି ସାହାବାମାନଙ୍କ ଆଡ଼କୁ ମୁଁହ କରି କହିଲେ, ହେ ସାହାବାମାନେ ! ଜୈନବ୍ ଯାହାକିଛି କହିଛନ୍ତି ତାହା ଆପଣମାନେ ସମସ୍ତେ ଶୁଣି ନେଇଥିବେ । ୱଲ୍ଲାଃ (ଈଶ୍ୱରଙ୍କ ରାଣ ବା ଶପଥ କରି କହୁଛି) ଏଥି ସଂକ୍ରାନ୍ତରେ ମୋତେ କିଛି ଜ୍ଞାତ ନଥିଲା ବା ମୁଁ ଏସଂପର୍କରେ କିଛି ଜାଣି ନଥିଲି । ଉକ୍ତ କଥା ମୋ ଧାରଣାରେ ନଥିଲା । କିନ୍ତୁ ବିଶ୍ୱାସକାରୀଙ୍କ ଗୋଷ୍ଠୀ ଗୋଟିଏ ପ୍ରାଣପିଣ୍ଡ ସଦୃଶ । ଯଦି ଏହି ବିଶ୍ୱାସକାରୀଙ୍କ ମଧ୍ୟରୁ କେହି ଅବିଶ୍ୱାସକାରୀଙ୍କୁ ଶରଣ ଦିଅନ୍ତି ତେବେ ତାହାକୁ (ସେହି ଅବିଶ୍ୱାସକାରୀକୁ) ସମ୍ମାନ ଜଣାଇବା ଅନିର୍ବାର୍ଯ୍ୟ ଅଟେ । "

ଆପଣ ସ.ଅ ପୁନଶ୍ଚ ଜୈନବ୍ ର.ଅଙ୍କ ଆଡ଼କୁ ମୁହଁ କରି କହିଲି, "ହେ ଜୈନବ୍ ତୁମେ ଯେଉଁ ବ୍ୟକ୍ତିକୁ ଆଶ୍ରୟ ପ୍ରଦାନ କରିଛ ମୁଁ ମଧ ସେହି ବ୍ୟକ୍ତିକୁ ଆଶ୍ରୟ ପ୍ରଦାନ କରୁଛି ଏବଂ ଉକ୍ତ ଅଭିଯାନରେ ଅବୁଲ୍ ଆସ୍‌ଙ୍କ ଠାରୁ ଯେଉଁ ଧନ ରତ୍ନ ପ୍ରାପ୍ତ ହୋଇଥିଲା ତାହା ଆପଣ ଫେରସ୍ତ କରିଦେଲେ । ପୁନଶ୍ଚ ଏତଦପରେ ଆପଣ ସ.ଅ ଘରକୁ ଆସିଲେ ଏବଂ ନିଜର ସୁପୁତ୍ରୀ ଜୈନବ୍ ର.ଅଙ୍କୁ କହିଲେ, ହେ ଜୈନବ୍! ତୁମେ ଭଲ ଭାବରେ ଅବୁଲ୍ ଆସ୍‌ଙ୍କର ଆତିଥ୍ୟତା ଏବଂ ସତ୍କାର କରିବ । କିନ୍ତୁ ଅବୁଲ୍ ଆସ୍‌ଙ୍କ ସହିତ ତୁମେ ଏକାନ୍ତରେ ଭେଟିବ । କାରଣ ସାଂପ୍ରତିକ ପରିସ୍ଥିତିରେ ତୁମର ତାଙ୍କ ସହିତ ମିଳାମିଶା ଠିକ୍ ହେବ ନାହିଁ ।"

କିଛି କାଳ ମଦିନାରେ ଅବସ୍ଥାନ କରି ଅବୁଲ୍ ଆସ୍ ମକ୍କା ଅଭିମୁଖେ ଫେରିଗଲେ। କିନ୍ତୁ ବର୍ତ୍ତମାନ ତାଙ୍କର ମକ୍କା ଯିବା ସେଠାରେ ରହିବା ଉଦ୍ଦେଶ୍ୟରେ ନଥିଲା । କାରଣ ସେ ଖୁବ୍ ଶୀଘ୍ର ନେଣଦେଣରୁ ମୁକ୍ତ ହୋଇଯାଇଥିଲେ ଏବଂ କଲ୍‌ମା ଶାହାଦତ୍ ପାଠ କରି ମଦିନା ଅଭିମୁଖେ ପ୍ରସ୍ଥାନ କଲେ ଏବଂ ଆଁହଜରତ ସ.ଅଙ୍କ ସେବାରେ ପହଞ୍ଚି ମୁସଲମାନ ହୋଇଗଲେ । ଅତଏବ୍ ଆଁହଜରତ ସ.ଅ ହ. ଜୈନବ୍ ର.ଅଙ୍କୁ ତାଙ୍କ ଆଡ଼କୁ ବିନା କୌଣସି ନୂତନ ନିକାହ୍ ବଦଳରେ ଫେରାଇଦେଲେ....... କେତେକ ବର୍ଣ୍ଣନାରେ ଏହା ମଧ ବର୍ଣ୍ଣିତ ହୋଇଛି ଯେ, ସେତେବେଳେ ହ. ଜୈନବ୍ ର.ଅ ଓ ଅବୁଲ୍ ଆସ୍‌ଙ୍କର ପୁନର୍ବାର ନିକାହ ପାଠ କରାଯାଇଥିଲା । କିନ୍ତୁ ପ୍ରଥମ ବର୍ଣ୍ଣନାଟି ଅଧିକ ବଳିଷ୍ଠ ଓ ଯୁକ୍ତିଯୁକ୍ତ ବୋଲି ମନେ ହେଉଛି ।" **(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-670-671)**

ଅର୍ଥାତ୍ ନିକାହ୍ କରିବାର ଆବଶ୍ୟକତା ନଥିଲା । ତହିଁରୁ ଏହି ଫତ୍‌ୱା (ଧର୍ମାଦେଶ/ ଧର୍ମାଜ୍ଞା) ମଧ ମିଳିଗଲା । କାରଣ ଯଦି କୌଣସି ମହିଳା ନିଜର ସ୍ୱାମୀର ଅବଜ୍ଞତା ଯୋଗୁଁ ପୃଥକ୍ ହୋଇଯାଏ ତେବେ ସ୍ୱାମୀର ପୁନଃ ବିଶ୍ୱାସ ଆଣିବା ଫଳରେ ପୁନର୍ବାର ନିକାହ୍ କରିବାର ଆବଶ୍ୟକତା ହୋଇ ନଥାଏ । ହ. ଜୈନବ୍ ର.ଅ ନିଜର ସ୍ୱାମୀଙ୍କ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ପରେ ଅଧିକ କାଳ ପର୍ଯ୍ୟନ୍ତ ଜୀବିତ ରହିଲେ ନାହିଁ। 8 ହିଜ୍ରୀରେ ତାଙ୍କର ଅକାଳ ବିୟୋଗ ହୋଇଗଲା। إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ହ. ଉମ୍ମେ ଐମନ୍ ର.ଅ ହ. ସୌଦା ର.ଅ, ହ. ସଲ୍‌ମା ର.ଅ ଓ ହ. ଉମ୍ମେ ଅତିୟା ତାଙ୍କୁ ଆଁହଜରତ ସ.ଅଙ୍କ ମାର୍ଗଦର୍ଶନ ଅନୁଯାୟୀ ସ୍ନାନ କରାଇ ଦେଇଥିଲେ। **(ସିରୁସ୍ ସାହାବ, ଭାଗ-6, ପୃ-90, ଦାରୁଲ୍ ଇଶାଅତ୍, କରାଚୀ-2004 ମସିହା)**

ହ. ଉମ୍ମେ ଅତିୟା ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଯେତେବେଳେ ତାଙ୍କୁ ଆଦେଶ ଦେଲେ ଯେ, ସେ ଆପଣ ସ.ଅଙ୍କ ସୁପୁତ୍ରୀଙ୍କୁ ସ୍ନାନ କରାଇଥିଲେ ସେତେବେଳେ ଆପଣ ସ.ଅ କହିଲେ, ହେ ଉମ୍ମେ ଅତିୟାହ୍ ! ତୁମେ ଜୈନବ୍‌ର ଡାହାଣ ପାର୍ଶ୍ୱରୁ ଓ ୱଜୁର ଅଙ୍ଗପ୍ରତ୍ୟଙ୍ଗକୁ ଧୋଇବା ଆରମ୍ଭ କରିବ । ଅନ୍ୟ ଏକ ବର୍ଣ୍ଣନାରେ ଏହାର ବିସ୍ତୃତ ବିବରଣୀ ଏହାପରି ମିଳିଥାଏ ଯେ, ହ. ଉମ୍ମେ ଅତିୟା ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ସୁପୁତ୍ରୀ ଜୈନବ୍ ର.ଅଙ୍କର ବିୟୋଗ ହେଲା ସେତେବେଳେ ରସୁଲୁଲ୍ଲାଃ ଆମକୁ କହିଲେ, ହେ ଉମ୍ମେ ଅତିୟା ! ତୁମେମାନେ ଜୈନବଙ୍କୁ ତାକ୍ (ଅଯୁଗ୍ମ) ଅର୍ଥାତ୍ ତିନି କିମ୍ବା ପାଞ୍ଚ ଥର ସ୍ନାନ କରାଇବ ଏବଂ ପଞ୍ଚମ ଥରକୁ କର୍ପୂର ପକାଇବ କିମ୍ବା ଆପଣ ସ.ଅ କହିଲେ, ସ୍ୱଚ୍ଛ କର୍ପୂର ପକାଇ ଦେବ । **(ସହି ମୁସଲିମ୍, କିତାବୁଲ୍ ଯନାଏଜ୍, ବାବ୍ ଗୁସ୍‌ଲୁଲ୍ ମଇୟିତି, ହଦିସ୍ ନଂ-2173-2176)**

ଅଣ୍ଟାରେ ଯେଉଁ ବସ୍ତ୍ର ବନ୍ଧାଯାଇଥାଏ ତାହା ଦିଆଗଲା । ଶିଆର୍ ହେଉଛି ସେହି ବସ୍ତ୍ର ଯାହାକି ଶରୀର ସହିତ ସଂଲଗ୍ନ ହୋଇଥିବ । (ଲୁଗାତୁଲ୍ ହଦିସ୍, ଭାଗ-2, ପୃ-486, ନୁମାନୀ କିତାବ୍ ଖାନା, ଲାହୋର-2005 ମସିହା)

ଏହାପରେ ଆଁହଜରତ ସ.ଅ ନମାଜ ଯନାଜାଃ ପାଠ କରାଇଥିଲେ । ଆପଣ ସ.ଅ ସ୍ୱୟଂ କବର ମଧ୍ୟକୁ ଓହ୍ଲାଇଲେ ଏବଂ ନିଜର ସୁପୁତ୍ରୀଙ୍କୁ କବର ଦେଲେ । ହ. ଜୈନବ୍ ର.ଅ ନିଜ ପଛେ ଦୁଇଟି ସନ୍ତାନ ଛାଡ଼ି ଯାଇଥିଲେ । ଅଲୀ ଓ ଅମାମା । ଏକ ବର୍ଣ୍ଣନାନୁଯାୟୀ ଅଲୀ ବାଲ୍ୟାବସ୍ଥାରେ ହିଁ ମୃତ୍ୟୁବରଣ କରିଥିଲେ । ଅପରପକ୍ଷେ ଅନ୍ୟ ବର୍ଣ୍ଣନାନୁଯାୟୀ ଉଭୟ ସନ୍ତାନ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ପହଞ୍ଚିଥିଲେ । ଇବ୍‌ନେ ଅସାକିର ଉଲ୍ଲେଖ କରନ୍ତି ଯେ, ୟର୍ମୁକ୍ ଯୁଦ୍ଧରେ ସେ ବୀରଗତି ପ୍ରାପ୍ତ କିରଥିଲେ। ମକ୍କା ବିଜୟରେ ସେ ଆଁହଜରତ୍ ସ.ଅଙ୍କ ପଛରେ ଆରୋହଣ ହୋଇଥିଲେ । **(ସିରୁସ୍ ସାହାବ, ଭାଗ-6, ପୃ-90, ଦାରୁଲ୍ ଇଶାଅତ୍, କରାଚୀ-2004 ମସିହା)**

ହ. ଅମାମା ର.ଅଙ୍କ ସଂକ୍ରାନ୍ତରେ ଉଲ୍ଲେଖ ମିଳେ ଯେ, ହ. ଫାତିମା ର.ଅଙ୍କ ବିୟୋଗ ପରେ ହ. ଅଲୀ ର.ଅ ତାଙ୍କ ସହିତ ନିକାହ୍ କରିନେଇ ଥିଲେ । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-8, ପୃ-25, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍-1990 ମସିହା)**

ହ. ଅବୁଲ୍ ଆସ୍ ର.ଅଙ୍କ ମକ୍କାରେ ବାଣିଜ୍ୟ ବ୍ୟବସାୟ କରୁଥିଲେ । ଅତଏବ୍ ସେ ମଦିନାରେ ଅବସ୍ଥାନ କରିପାରୁ ନଥିଲେ । ସୁତରାଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ପରେ ସେ ଆଁହଜରତ ସାଅଙ୍କ ଠାକୁ ଅନୁମତି ନେଇ ପୁନଃ ମକ୍କା ଫେରି ଆସିଲେ । ମକ୍କାରେ ଅବସ୍ଥାନ କରିବା ହେତୁ ତାଙ୍କୁ ଯୁଦ୍ଧରେ ଅଂଶ ଗ୍ରହଣ କରିବାର ସୁଯୋଗ ମିଳିପାରି ନଥିଲା । କେବଳ 10 ହିଜ୍ରୀରେ ହ. ଅଲୀ ର.ଅଙ୍କ ନେତୃତ୍ୱରେ ଆପଣଙ୍କୁ ପ୍ରେରଣ କରାଯାଇଥିଲା ସେହି ସରିୟା (ଯେଉଁ ଯୁଦ୍ଧରେ ଆପଣ ସ.ଅ ସାମିଲ୍ ହୋଇ ନଥିଲେ)ରେ ହିଁ ଆପଣ ସାମିଲ୍ ହୋଇଥିଲେ । ହ. ଅଲୀ ର.ଅ ୟମନ୍‌ରୁ ପ୍ରତ୍ୟାବର୍ତ୍ତନ ପରେ ତାଙ୍କୁ ୟମନ୍‌ର କର୍ମକର୍ତ୍ତା ବା କର୍ମଚାରୀ ଭାବରେ ନିଯୁକ୍ତ କରିଥିଲେ । ହ. ଜୈନବ୍ ର.ଅଙ୍କ ବିୟୋଗ ପରେ ଅବୁଲ୍ ଆସ୍ ମଧ ଅଧିକ କାଳ ପର୍ଯ୍ୟନ୍ତ ଜୀବିତ ରହିଲେ ନାହିଁ । 12 ହିଜ୍ରୀରେ ତାଙ୍କର ବିୟୋଗ ହୋଇଥିଲା । (ସିରୁସ୍ ସାହାବ, ଭାଗ-7, ପୃ-491, ଦାରୁଲ୍ ଇଶାଅତ୍, କରାଚୀ-2004 ମସିହା) (ଉସ୍‌ଦୁଲ୍ ଗାବା, ଭାଗ-6, ପୃ-182-183, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)

ହ. ସାହେବଜାଦ୍ ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଅବୁଲ୍ ଆସଙ୍କ ସଂକ୍ରାନ୍ତରେ ଆଁହଜରତ୍ ସ.ଅଙ୍କ ପ୍ରସନ୍ନତାର ଚର୍ଚ୍ଚା କରି ଏହିପରି ଉଲ୍ଲେଖ କରନ୍ତି: "ଆଁହଜରତ ସ.ଅଙ୍କ ଜ୍ୱାଇଁ ଅବୁଲ୍ ଆସ୍ ବିନ୍ ଅର୍ ରବିଇ ସ୍ୱର୍ଗତା ହ. ଖଦିଜା ର.ଅଙ୍କ ନିକଟ ସଂପର୍କୀୟ ଅର୍ଥାତ୍ ପ୍ରକୃତ ଭଣଜା ଥିଲେ ଏବଂ ମୁସ୍‌ରିକ୍ ହେବା ସତ୍ତ୍ୱେ ନିଜ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 18 JULY 2024 Issue No. -29

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ପତ୍ନିଙ୍କ ସହିତ ତାଙ୍କର ଆଚରଣ ଉତ୍ତମ ରହିଥିଲା । ମୁସଲମାନ ହେବା ପରେ ମଧ୍ୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସୁସଂପର୍କ ରହିଥିଲା । ସୁତରାଂ ଏହି ଦୃଷ୍ଟିରୁ ଆଁହଜରତ୍ ସ.ଅ ଅବୁଲ୍ ଆସ୍ ର.ଅଙ୍କର ଉଚ୍ଚ ପ୍ରଶଂସା କରୁଥିଲେ । କାରଣ ସେ ଆଁହଜରତ ସ.ଅଙ୍କ ସୁପୁତ୍ରୀଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରିଥିଲେ । ଅବୁଲ୍ ଆସ୍ ହ. ଅବୁ ବକ୍କର ର.ଅଙ୍କ ଶାସନ କାଳରେ 12 ହିଜ୍ରୀରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ତାଙ୍କର ପତ୍ନି ହ. ଜୈନବ୍ ର.ଅ ଆଁହଜରତ ସ.ଅଙ୍କ ଜୀବନକାଳରେ ହିଁ ଅକାଳ ବିୟୋଗ ଘଟିଥିଲା । ଉକ୍ତ ବର୍ଣ୍ଣନାରୁ ପ୍ରତିତ ହୁଏ ଯେ, ହ. ଅଲୀ ର.ଅଙ୍କ ସଂକ୍ରାନ୍ତରେ ପ୍ରଥମେ ଯେଉଁ ବର୍ଣ୍ଣନାଟି ରହିଛି ଯେ, ହ. ଅଲୀ ର.ଅଙ୍କ ଅବୁଲ୍ ଆସ୍‌ଙ୍କୁ ନିଜର କର୍ମଚାରୀ ଭାବରେ ନିଯୁକ୍ତ କରିଥିଲେ । ଉକ୍ତ ବର୍ଣ୍ଣନାଟି ସନ୍ଦେହଜନକ ଅଟେ । ଅବୁଲ୍ ଆସଙ୍କ ସୁପୁତ୍ରୀ ଯିଏ ଆଁହଜରତ ସ.ଅଙ୍କ ପ୍ରିୟ ନାତୁଣୀ ଥିଲେ, ହ. ଫାତିମା ର.ଅଙ୍କ ବିୟୋଗ ପରେ ହ. ଅଲୀ ର.ଅଙ୍କ ସହିତ ତାଙ୍କର ନିକାହ୍ ହୋଇଥିଲା । କିନ୍ତୁ ସନ୍ତାନ ପ୍ରାପ୍ତିରୁ ସେ ବଞ୍ଚିତ ରହିଥିଲେ ।" **(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-674)**

ସୁୱୈକ୍ ଯୁଦ୍ଧ ଜୁଲ୍ ହଜ୍ଜା 2 ହିଜ୍ରୀରେ ହୋଇଥିଲା । ସୁୱୈକ୍ ଯୁଦ୍ଧର କାରଣ ଏହା ରହିଥିଲା କି ମୁସ୍‌ରିକିନ୍‌ମାନେ ଯେତେବେଳେ ପରାସ୍ତ ହୋଇ ଏବଂ ଦୁଃଖିତ ହୋଇ ମକ୍କା ଆଡ଼କୁ ଫେରି ଆସିଲେ ସେତେବେଳେ ଅବୁ ସୁଫିୟାନ୍ ନିଜ ଉପରେ ତେଲ ଲଗାଇବାକୁ ଅବୈଧ କରିଦେଲା । ସେ ଏହି ମାନସିକ କଲା ଯେ, ଯେପର୍ଯ୍ୟନ୍ତ ସେ ରସୁଲୁଲ୍ଲାଃ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନଙ୍କ ଠାରୁ ବଦର୍ ଯୁଦ୍ଧର ପ୍ରତିଶୋଧ ନେଇ ନାହିଁ ସେପର୍ଯ୍ୟନ୍ତ ସେ କେଶରେ ତେଲ ଲଗାଇବ ନାହିଁ। ଏକ ବର୍ଣ୍ଣନାନୁଯାୟୀ ଅବୁ ସୁଫିୟାନ୍ 200 ଅଶ୍ୱାରୋହୀଙ୍କ ସହିତ ଏବଂ ଅନ୍ୟ ବର୍ଣ୍ଣନାନୁଯାୟୀ 40 ଜଣ ଅଶ୍ୱାରୋହୀଙ୍କୁ ନେଇ ନିଜର ଅଙ୍ଗୀକାର ତଥା ନିଜର ପ୍ରତିଜ୍ଞାକୁ ପୂରଣ କରିବା ନିମନ୍ତେ ବାହାରିଲା ଏବଂ ମଦିନା ଅଭିମୁଖେ ଯାଉଥିବା ସାଧାରଣ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ମାର୍ଗକୁ ପରିତ୍ୟାଗ କରି ନଜଦ୍ ମାର୍ଗ ଦେଇ ବାହାରିଲା । ସେ ଯେତେବେଳେ କନାତ୍ ଉପତ୍ୟକାର ଉପର ମୁଣ୍ଡରେ ପହଞ୍ଚିଲା ସେତେବେଳେ ସେ ୟତିବ୍ ନାମକ ପର୍ବତ ନିକଟରେ ଶିବିର ଲଗାଇଲେ । ଏହି ୟତିବ୍ ମଦିନା ଠାରୁ ପ୍ରାୟ 12 ମାଇଲ୍ ବ୍ୟବଧାନରେ ଅବସ୍ଥିତ ଏକ ସ୍ଥାନ ଅଟେ । କନାତ୍ ମଦିନା ଏବଂ ୱହୋଦ ମଧ୍ୟବର୍ତ୍ତୀ 3ଟି ବିଖ୍ୟାତ ଉପତ୍ୟକା ମଧ୍ୟରୁ ଅନ୍ୟତମ ଉପତ୍ୟକା ଅଟେ । ସୁତରାଂ ଅବୁ ସୁଫିୟାନ୍ ରାତ୍ର ସମୟରେ ବାହାରିଲା ଏବଂ ରାତ୍ରର ଅନ୍ଧକାରରେ ହିଁ ବନୁ ନୁଜୈର୍ ସଂପ୍ରଦାୟ ଅଭିମୁଖେ ଗଲା ଏବଂ ହୁୟୈଇ ବିନ୍ ଅଖ୍‌ତବ୍ ପାଖରେ ପହଞ୍ଚି ତା'ର କବାଟକୁ ଠକ୍ ଠକ୍ କଲା । ସେ କିନ୍ତୁ କବାଟ ଫିଟାଇବାକୁ ମନା କରିଦେଲା । ପୁନଶ୍ଚ ଏତଦ୍‌ପରେ ଅବୁ ସୁଫିୟାନ୍ ସେଠାରୁ ସଲ୍ଲାମ୍ ବିନ୍ ମିଶ୍‌କମ୍ ପାଖକୁ ଗଲା । ସଲ୍ଲାମ୍ ବିନ୍ ମିଶ୍‌କମ୍ ସେତେବେଳେ ବନୁ ନୁଜୈର୍ ସଂପ୍ରଦାୟର ଅଧିପତି ଏବଂ କୋଷାଧ୍ୟକ୍ଷ ଥିଲା । ଅବୁ ସୁଫିୟାନ ଭିତରକୁ ପ୍ରବେଶ କରିବା ନିମନ୍ତେ ତା' ଠାରୁ ଅନୁମତି ଲୋଡ଼ିଲା । ସୁତରାଂ ସଲ୍ଲାମ୍ ବିନ୍ ମିଶ୍‌କମ୍ ଅବୁ ସୁଫିୟାନ୍‌କୁ ଭିତରକୁ ପ୍ରବେଶ କରିବା ନିମନ୍ତେ ଅନୁମତି ପ୍ରଦାନ କିରଦେଲା ଏବଂ ଅବୁ ସୁଫିୟାନ୍‌ର ଅତିଥି ସତ୍କାର କଲା । ଅବୁ ସୁଫିୟାନ ସଲ୍ଲାମ ବିନ୍ ମିଶ୍‌କମ୍‌କୁ ଗୁପ୍ତ ରହସ୍ୟ କଥା କହିଲା ଓ ଆଁହଜରତ ସ.ଅଙ୍କ ରହସ୍ୟ ସଂପର୍କରେ କହିଲା । ଅର୍ଥାତ୍ ଆଁହଜରତ ସ.ଅଙ୍କର ଯାହାକିଛି ଦୈନନ୍ଦିନ କର୍ମପନ୍ଥା ରହିଥିଲା ତତ୍‌ସଂକ୍ରାନ୍ତରେ କହିଲା ଯେ, ଆପଣ ସ.ଅ କ'ଣ କରନ୍ତି, କେଉଁ ସମୟରେ କେଉଁଠି ଆପଣ ସ.ଅ ଥାଆନ୍ତି । ପୁନଶ୍ଚ ଏତଦ୍‌ପରେ ଅବୁ ସୁଫିୟାନ୍ ରାତ୍ରର ଶେଷ ପ୍ରହରରେ ସେଠାରୁ ବାହିରି ପଡ଼ିଲା ଏବଂ ନିଜର ସାଥିମାନଙ୍କୁ ଯାଇ ଭେଟ ହେଲା। ସୁତରାଂ କୁରୈଶ୍‌ର କେତେକ ଲୋକମାନଙ୍କୁ ମଦିନାର ଆଖପାଖରେ ଉରୈସ୍ ନାମକ ସ୍ଥାନ ଅଭିମୁଖେ ପ୍ରେରଣ କଲା ।

ଉରୈସ୍ ମଧ୍ୟ ମଦିନା ଠାରୁ 3 ମାଇଲ୍ ଦୂରତାରେ ଏକ ଖଜୁରୀ ଉଦ୍ୟାନ ଅଟେ। ଅବୁ ସୁଫିୟାନ୍ ଓ ମୁସ୍‌ରିକିନ୍‌ମାନେ ସେଠାରେ ଖଜୁରୀ କୋଳିର ଅନେକ ବୃକ୍ଷକୁ ପୋଡ଼ିଦେଲେ ଏବଂ ଜଣେ ଅନ୍‌ସାରୀ ବ୍ୟକ୍ତି ଓ ତା'ର ମିତ୍ରକୁ ହତ୍ୟା କରିଦେଲେ। ଏକ ବର୍ଣ୍ଣନାରେ ସେହି ଅନସାରୀ ବ୍ୟକ୍ତିର ନାମ ହ. ମାବଦ୍ ବିନ୍ ଅମ୍ର ବୋଲି ବର୍ଣ୍ଣିତ ହୋଇଛି । ପୁନଶ୍ଚ ଅବୁ ସୁଫିୟାନ୍ ଭାବିଲା ଯେ, ତା'ର ଶପଥ ବା ପ୍ରତିଜ୍ଞା ପୂର୍ଣ୍ଣ ହୋଇଯାଇଛି । ଅବୁ ସୁଫିୟାନ୍ ଯେଉଁ କ୍ଷତି ପହଞ୍ଚାଇଦେଲା ତାହା କିଛିଟା ପ୍ରତିଶୋଧ ନେଇନେଲା ।

ଅବୁ ସୁଫିୟାନ ମନରେ ଥିବା ପ୍ରତିଶୋଧର ନିଆଁ କିଛି ମାତ୍ରାରେ ପ୍ରଶମିତ ହେଲା ତେବେ ସେ ନିଜର ସୈନ୍ୟକୁ ନେଇ ମକ୍କା ଅଭିମୁଖେ ବାହାରି ପଡ଼ିଲା । ଏହା ମଧ୍ୟ କୁହାଯାଏ ଯେ, ଅବୁ ସୁଫିୟାନ୍ ଉକ୍ତ କାର୍ଯ୍ୟ ସେତେବେଳେ ସମ୍ପାଦନ କଲେ ଯେଉଁ ରାତ୍ରରେ ସେ ସଲ୍ଲାମ ବିନ୍ ମିଶ୍‌କମ୍‌କୁ ଭେଟି ଫେରି ଆସିଥିଲା ।

ସେ ଯାହା ହେଉ ଲୋକମାନଙ୍କୁ ଯେତେବେଳେ ଉକ୍ତ କଥା ଜ୍ଞାତ ହେଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ମଦିନାରେ ହ. ଲୁବାବା ବିନ୍ ବଶୀର୍ ଅବ୍‌ଦୁଲ୍ ମୁନ୍‌ଜର୍‌ଙ୍କୁ ନିଜର ନାଏବ୍ (ଉପ ଅମୀର) ନିଯୁକ୍ତ କଲେ ଓ ପ୍ରବାସର 22ତମ ମାସ, 5 ଜୁଲ୍ ହଜ୍ଜା ରବିବାର ଦିନ ପ୍ରବାସକାରୀମାନେ ଏବଂ ଅନ୍‌ସାର୍‌ମାନଙ୍କ ମଧ୍ୟରେ 200 ସାହାବାମାନଙ୍କୁ ସାଙ୍ଗରେ ଧରି ସେମାନଙ୍କର ପିଛା କରିବା ପାଇଁ ବାହାରିଲେ ଏପର୍ଯ୍ୟନ୍ତକି ଆପଣ ସ.ଅ କର୍କରତୁଲ୍ କୁଦର୍ ପହଞ୍ଚିଗଲେ । କର୍କରତୁଲ୍ କୁଦର୍, ମାଆଦନ୍‌ର ଆଖାପାଖରେ ଅର୍‌ହଜିୟା ନିକଟବର୍ତ୍ତୀ ଏକ ସ୍ଥାନ ରହିଛି ତା'ର ଓ ମଦିନା ମଧ୍ୟରେ 96 ମାଇଲ୍ ଦୂରତାରେ ଅବସ୍ଥିତ ଏକ ସ୍ଥାନ ଅଟେ । ଏହା ମଧ୍ୟ କୁହାଯାଏ ଯେ, ଉକ୍ତ ସ୍ଥାନଟି ବନୁ ସୁଲୈମ୍ ସଂପ୍ରଦାୟର ଝରଣା ଅଟେ ।

ସେ ଯାହା ହେଉ ଅବୁ ସୁଫିୟାନ୍ ଏବଂ ତା'ର ସୈନ୍ୟ ସାମନ୍ତ ଲୁଚି ଲୁଚି ପଳାୟନ କରୁଥିଲେ ଏବଂ ଛତୁଆ ଭର୍ତ୍ତି ପ୍ୟାକେଟ୍ ଫିଙ୍ଗି ଚାଲିଥିଲେ ଏବଂ ଏହା ହିଁ ସେମାନଙ୍କର ଯାତ୍ରା ସମ୍ବଳ ବା ପାଥେୟ ଥିଲା । ମୁସଲମାନ ସେହି ଛତୁଆ ପ୍ୟାକେଟ୍ ଗୋଟାଇ ଯାଉଥିଲେ । ଅତଏବ୍ ସେହି ଯୁଦ୍ଧର ନାମ ସୁୱୈକ୍ ଯୁଦ୍ଧ ହେଲା । ଆରବୀ ଭାଷାରେ ଛତୁଆକୁ ସୁୱୈକ୍ କୁହନ୍ତି ।

ଅବୁ ସୁଫିୟାନ୍ ଓ ତା'ର ସୈନ୍ୟ ବାହିନୀ ପଳାୟନ କଲେ । ମୁସଲମାନମାନେ ସେମାନଙ୍କୁ ଧରି ପାରିଲେ ନାହିଁ । ଏତଦ୍‌ପରେ ରସୁଲୁଲ୍ଲାଃ ସ.ଅ ମଦିନା ଅଭିମୁଖେ ଫେରିଗଲେ । ସାହାବାମାନେ ଯେତେବେଳେ ଆଁହଜରତ ସ.ଅଙ୍କ ସହିତ ଆସୁଥିଲେ ସେତେବେଳେ ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ଏହା ପସନ୍ଦ କରୁଛନ୍ତି ଯେ, ଏହା ଆମମାନଙ୍କ ନିମନ୍ତେ ଯୁଦ୍ଧ ହୋଇଥାଇପାରେ। ଆପଣ ସ.ଅ କହିଲେ, ହଁ । (ସବ୍‌ଲୁଲ୍ ହୁଦା ୱର୍ ରଶ୍ମାଦ୍, ଭାଗ-4, ପୃ-174, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍ 1993 ମସିହା । **(ଅତ୍‌ତବ୍‌କାତୁଲ୍ କବ୍ରା, ଲିଇବ୍‌ନି ସାଆଦ୍, ଭାଗ-2. ପୃ-22-23, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ -1990 ମସିହା) (ସିରତୁନ୍ ନବୀ ସ.ଅ, ଲେଖକ-ଶିବଲୀ ନୁମାନୀ, ଭାଗ-1, ପୃ-211) (ଜୀବନୀ ଇନ୍‌ସାଇକ୍ଲୋପିଡ଼ିଆ, ଭାଗ-6, ପୃ-65-66) (ଜୀବନୀ ଶବ୍ଦକୋଷ, ପୃ234,239,242, ପ୍ରକାଶନ ସ୍ଥାନ-ଜୱାର ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର ଅ.ବ କହିଲେ, ଏହା ଯୁଦ୍ଧ ଅଟେ, ସେ ପଛେ ଯୁଦ୍ଧ ହେଉ ଅବା ନହେଉ । ଏହାର ବିସ୍ତୃତ ବିବରଣୀ ସିରତ୍ ଖାତମୁନ୍ ନବୀୟିନରେ ଏହିପରି ବର୍ଣ୍ଣିତ ହୋଇଛି ଯେ, "ଯୁଦ୍ଧ ପରେ ଅବୁ ସୁଫିୟାନ ପ୍ରତିଜ୍ଞା କରିଥିଲା କି ଯେପର୍ଯ୍ୟନ୍ତ ସେ ବଦର୍ ଯୁଦ୍ଧରେ ପ୍ରାଣ ହରାଇଥିବା କୁରୈଶ୍‌ମାନଙ୍କର ପ୍ରତିଶୋଧ ନେଇ ନାହିଁ ସେପର୍ଯ୍ୟନ୍ତ ସେ ନିଜ ପତ୍ନି ପାଖକୁ କେବେ ଯିବ ନାହିଁ ଓ ନା ହିଁ ସେ ନିଜ କେଶରେ ତେଲ ଲଗାଇବ । ସୁତରାଂ ବଦର୍ ଯୁଦ୍ଧର ଦୁଇ ତିନି ମାସ ପରେ ଜୁଲ୍ ହଜ୍ଜା ମାସରେ ଅବୁ ସୁଫିୟାନ୍ କୁରୈଶ୍‌ର 200 ସଶସ୍ତ୍ର ଲୋକଙ୍କୁ ନିଜ ସାଙ୍ଗରେ ଧରି ମକ୍କା ବାହାରିଲା ଏବଂ ନଜଦ୍ ମାର୍ଗ ଅଭିମୁଖେ ଦେଇ ମଦିନା ପାଖରେ ଯାଇ ପହଞ୍ଚିଗଲା। ଏଠାରେ ପହଞ୍ଚିବା ପରେ ଅବୁ ସୁଫିୟାନ୍ ନିଜର ସୈନ୍ୟ ବାହିନୀକୁ ମଦିନାର କିଛି ଦୂରରେ ଛାଡ଼ିଲା ଏବଂ ସ୍ୱୟଂ ରାତ୍ରର ଅନ୍ଧକାରରେ ଲୁଚି ଇହୁଦୀ ସଂପ୍ରଦାୟ ବନୁ ନୁଜୈର୍ ସଂପ୍ରଦାୟର ଅଧିପତି ହୁଇ ବିନ୍ ଅଖ୍‌ତବ୍ ଘରେ ପାଖରେ ପହଞ୍ଚିଲା ଏବଂ ତା' ଠାରୁ ସାହାଯ୍ୟ ଭିକ୍ଷା କଲା । କିନ୍ତୁ ହୁଇ ବିନ୍ ଅଖ୍‌ତବ୍ ମନରେ ସନ୍ଧି ଓ ଚୁକ୍ତିର କିଛି ସ୍ମୃତି ବାକି ରହିଥିଲା ତେଣୁ ସେ ଅବୁ ସୁଫିୟାନଙ୍କୁ ମନା କରିଦେଲା । ସେ କହିଲା, ଆମର ଅଙ୍ଗୀକାର ଏବଂ ଚୁକ୍ତି ରହିଛି ତେଣୁ ମୁଁ ତୁମକୁ ଏଥି ସଂକ୍ରାନ୍ତରେ କିଛି କହିପାରିବି ନାହିଁ ଓ ନା ହିଁ ତୁମକୁ ଆଶ୍ରୟ ପ୍ରଦାନ କରିପାରିବି? ସୁତରାଂ ଏହିପରି ଭାବରେ ଅବୁ ସୁଫିୟାନ୍ ଲୁଚି ଲୁଚି ନୁଜୈର୍ ସଂପ୍ରଦାୟର ଅନ୍ୟ ଅଧିପତି ସଲାମ୍ ବିନ୍ ମିଶ୍‌କମ୍ ଘରକୁ ଗଲା ଏବଂ ତା'କୁ ମୁସଲମାନମାନଙ୍କ ବିରୁଦ୍ଧରେ ସାହାଯ୍ୟ କରିବା ନିମନ୍ତେ କହିଲା । ସେହି ହତଭାଗ୍ୟ ଦୁଃସାହସିକତାର ସହିତ ସମସ୍ତ ସର୍ତ୍ତ ତଥା ଚୁକ୍ତିକୁ ଉପରେ ରଖିଦେଇ (ଭୁଲିଯାଇ) ଅବୁ ସୁଫିୟାନ୍‌ର ଆଦର ସତ୍କାର କଲା ଏବଂ ତା'କୁ ନିଜ ପାଖରେ ରାତ୍ର ସମୟରେ ଅତିଥି କରି ରଖିଲା ଓ ତା'କୁ ମୁସଲମାନମାନଙ୍କର ଅବସ୍ଥା ସଂପର୍କରେ ପଚାରିଲା। ସକାଳ ହେବା ପୂର୍ବରୁ ଅବୁ ସୁଫିୟାନ୍ ସେଠାରୁ ବାହାରିଲା **(ଅବଶିଷ୍ଟାଂଶ.......................ପୃ-2ରେ)**

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan